ସପ୍ତଦଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

# ତେଜସ୍ୱିନୀ

Page - 08 Rs. 7.00

ବର୍ଷ-୧୭, ସଂଖ୍ୟା-୧୨, ଭୁବନେଶ୍ୱର: ମାର୍ଚ୍ଚ ୩୦-୦୫, ୨୦୨୬ Vol-17, Issue-12, Bhubaneswar : March 30-05, 2026

RNI NO.ODIODI/2010/33715

## ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାରୀ

# ଅସାଧୁ ବ୍ୟବସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର:** ରାଜ୍ୟରେ ଆବଶ୍ୟକତା ଅନୁଯାୟୀ ପେଟ୍ରୋଲିୟମ, ଗ୍ୟାସ୍ ଓ ଅନ୍ୟାନ୍ୟ ସାମଗ୍ରୀ ମହଜୁଦ ଅଛି। ରନ୍ଧନ ଗ୍ୟାସର କୃତ୍ରିମ ଅଭାବ ସୃଷ୍ଟି କରି ଯେପରି ଅତ୍ୟାବଶ୍ୟକ ଦ୍ରବ୍ୟ ଗୁଡ଼ିକର କଳାବଜାରୀ ନହୁଏ, ସେଥିପ୍ରତି ସଜାଗ ରହିବା ସହିତ ରାଜ୍ୟବ୍ୟାପୀ ଚଢ଼ଉ କରି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଉଚ୍ଚସ୍ତରୀୟ ବୈଠକରେ ପଶ୍ଚିମ ଏସିଆରେ ଯୁଦ୍ଧ ପାଇଁ ଦେଶ ତଥା ରାଜ୍ୟରେ ସୃଷ୍ଟି ହୋଇଥିବା ବିଭିନ୍ନ ଦ୍ରବ୍ୟର କୃତ୍ରିମ ଅଭାବଜନିତ ସମସ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଛନ୍ତି ।



ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରବିରଠୁ ଚାଷ ପାଇଁ ଯଥେଷ୍ଟ ସାର ମହଜୁଦ ରଖିବାକୁ ହେବ। ଏ ସମସ୍ୟା ବିଷୟରେ ରାଜ୍ୟବାସୀ ଯେପରି ଆଶଙ୍କିତ ନ ହୁଅନ୍ତି, ସେଥିପ୍ରତି ସରକାରୀସ୍ତରରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବାକୁ ପଡ଼ିବ। ସେହିପରି ପେଟ୍ରୋଲ ଓ ପେଟ୍ରୋଲିୟମ ସାମଗ୍ରୀ ତଥା ଏଲ୍ଏନ୍ଜି ପାଇଁ ଭାରତ ବିଭିନ୍ନ ଗଲ୍ଫ ଦେଶମାନଙ୍କ ଉପରେ ନିର୍ଭର କରିଥାଏ। ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ପାଇଁ ଉଭୟ ପେଟ୍ରୋଲ ଓ ଏଲ୍.ପି.ଜି ଉପରେ ଏହାର ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ରାଜ୍ୟରେ ଏ ସବୁ ସାମଗ୍ରୀର ଉପଲବ୍ଧତା ଓ ବଣ୍ଟନ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପଦକ୍ଷେପ ନେବାକୁ ହେବ।

ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସମସ୍ୟାର ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସବିସ୍ତୃତ ବିବରଣୀ ରଖିଥିଲେ । ବୈଠକରେ ପେଟ୍ରୋଲ, ରନ୍ଧନ ଗ୍ୟାସ ଓ ସାର ଯୋଗାଣ ଯେପରି ଅବ୍ୟାହତ ରହିବ, ସେ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା ହୋଇଛି। ଉକ୍ତ ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

# ବିଧାୟକଙ୍କ ବର୍ଦ୍ଧିତ ଦରମା ବିଲ୍ ପ୍ରତ୍ୟାହାର ପାଇଁ ନୋଟିସ୍

ଭୁବନେଶ୍ୱର: ରାଜ୍ୟରେ ବିଧାୟକମାନଙ୍କ ଦରମା ବୃଦ୍ଧି ପ୍ରସଙ୍ଗରେ ସୃଷ୍ଟି ହୋଇଥିବା ବିବାଦର ଶେଷରେ ସମାଧାନ ହେବାକୁ ଯାଉଛି। ବର୍ଦ୍ଧିତ ଦରମା ବିଲ୍‌କୁ ପ୍ରତ୍ୟାହାର କରିବା ପାଇଁ ବିଧାନସଭାରେ ବିଧିବଦ୍ଧ ଭାବେ ନୋଟିସ୍ ଆସିଛି। ୨୦୨୫ ଶୀତକାଳୀନ ଅଧିବେଶନରେ ଗୃହୀତ ହୋଇଥିବା ବିଧାୟକ, ମନ୍ତ୍ରୀ, ବାଚସ୍ପତି ଓ ଉପ-ବାଚସ୍ପତିଙ୍କ ଦରମା ଏବଂ ପେନ୍‌ସନ୍ ବୃଦ୍ଧି ସମ୍ପର୍କିତ ୪ଟି ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ବିଲ୍‌କୁ ପ୍ରତ୍ୟାହାର କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହି ବିଲ୍‌ଗୁଡ଼ିକୁ ପ୍ରତ୍ୟାହାର କରିବା ପାଇଁ ନୋଟିସ୍ ଦେଇଥିବା ବେଳେ ବିଧାନସଭା ସଚିବ ସତ୍ୟବ୍ରତ ସାହୁ ଏ ସମ୍ପର୍କରେ ସମସ୍ତ ବିଧାୟକଙ୍କୁ ଅବଗତ କରାଇଛନ୍ତି। ସରକାର ଏହି ବିଲ୍ ପ୍ରତ୍ୟାହାର ପାଇଁ ଏକ ମୋସନ୍ (ପ୍ରସ୍ତାବ) ଆଣି ଗୃହରେ ପାରିତ କରିବାର ସମ୍ଭାବନା ରହିଛି। ସୂଚନାଯୋଗ୍ୟ ଯେ, ୨୦୨୫ ଡିସେମ୍ବରରେ ଏହି ବିଲ୍ ପାରିତ ହେବା ପରେ ବିଧାୟକଙ୍କ ମାସିକ ଦରମା ଓ ଭତ୍ତା ପ୍ରାୟ ୩ ଲକ୍ଷ ୪୫ ହଜାର ଟଙ୍କା ଏବଂ ମୁଖ୍ୟମନ୍ତ୍ରୀଙ୍କ କ୍ଷେତ୍ରରେ ଏହା ୩ ଲକ୍ଷ ୭୪ ହଜାର ଟଙ୍କାକୁ ବୃଦ୍ଧି ପାଇଥାନ୍ତା। ମାତ୍ର ଏହି ନିଷ୍ପତ୍ତି ପରେ ରାଜ୍ୟବ୍ୟାପୀ ତୀବ୍ର ଜନ ଅସନ୍ତୋଷ ଦେଖାଦେଇଥିଲା ଏବଂ ସୋସିଆଲ ମିଡିଆରେ ସରକାରଙ୍କୁ ବ୍ୟାପକ ସମାଲୋଚନା କରାଯାଇଥିଲା। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବର୍ଦ୍ଧିତ ଦରମା ନେବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଜଣାଇବା ପରେ ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇଉଠିଥିଲା। ଏହାପରେ ଶାସକ ବିଜେପିର ବିଧାୟକମାନେ ମଧ୍ୟ ବର୍ଦ୍ଧିତ ଦରମା ବିଲ୍ ପ୍ରତ୍ୟାହାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଅନୁରୋଧ କରିଥିଲେ। ଦଳୀୟ ବିଧାୟକ ଦଳ ବୈଠକରେ ଏହାର ପୁନର୍ବିଚାର ପାଇଁ ନିଷ୍ପତ୍ତି ହେବା ପରେ ଆଜି ବିଧିବଦ୍ଧ ଭାବେ ଏହି ପ୍ରତ୍ୟାହାର ପ୍ରକ୍ରିୟା ପାଇଁ ପଦକ୍ଷେପ ନିଆଯାଇଛି।

# ବଡ଼ଦାଣ୍ଡରେ ଖୋଲିବନି ମଦ ଦୋକାନ

**ଭୁବନେଶ୍ୱର:** ଆସିଲା ନୂଆ ଅବକାରୀ ନୀତି। ଓଡ଼ିଶା ସରକାର ୧ ଏପ୍ରିଲ୍ ୨୦୨୬ ଠାରୁ ୩୧ ମାର୍ଚ୍ଚ ୨୦୨୯ ଅବଧି ନିମନ୍ତେ ଏକ ତ୍ରୈବାର୍ଷିକ ଅବକାରୀ ନୀତି ଘୋଷଣା କରିଛନ୍ତି। ନୂତନ ନୀତି ଆସିବା ପର୍ଯ୍ୟନ୍ତ ଏହା ଚାଲୁ ରହିବ। ଯେଉଁଥିରେ ରାଜ୍ୟରେ ନୂତନ ଠିପି ଖୋଲା ଓ ଠିପି ବନ୍ଦ ମଦ ଦୋକାନ ଖୋଲିବାକୁ ମିଳିବନି ଅନୁମତି। ଗ୍ରାମାଞ୍ଚଳରେ ନୂଆ ମଦ ଦୋକାନ ଖୋଲିବାକୁ ବି ମିଳିବନି ଅନୁମତି। ଧାର୍ମିକ ଓ ସାଂସ୍କୃତିକ ଭାବନାକୁ ସମ୍ମାନ ଦେଇ ଶ୍ରୀମନ୍ଦିର ଓ ବଡ଼ଦାଣ୍ଡ ପାଖରେ ଖୋଲିବନି ମଦ ଦୋକାନ। ସିସିଟିଭି ନିରୀକ୍ଷଣରେ ରହିବ ସମସ୍ତ ଉତ୍ପାଦନ ୟୁନିଟ୍ ଓ ଖୁଚୁରା ଦୋକାନ। ନୂଆ ଅବକାରୀ ଲାଇସେନ୍ସ ପାଇଁ ୧୦ ପ୍ରତିଶତ ବୃଦ୍ଧି କରାଯାଇଛି ଆବେଦନ ଶୁଳ୍କ। ସେହିପରି ଏଣିକି ହୋମ୍ ଡେଲିଭରିରେ ମିଳିବନି ମଦ। ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଲାଇସେନ୍ସ ଶୁଳ୍କ ବାର୍ଷିକ ୧୦ ରୁ ୨୦ ପ୍ରତିଶତ ବୃଦ୍ଧି ପାଇବ। ଆଇଏମ୍ଏଫ୍ଏଲ୍ ଓ ଦେଶୀ ମଦ ଉପରେ ଅବକାରୀ ଶୁଳ୍କ ବୃଦ୍ଧି ହୋଇଛି। ନୂଆ ଅବକାରୀ ନୀତିରେ ମଦକୁ କ୍ଷତିକାରକ ପଦାର୍ଥ ଭାବେ ସ୍ୱୀକାର କରାଯାଇଛି। ପୂର୍ବ ପ୍ରଚଳିତ ବାର୍ଷିକ ନୀତି ପରିବର୍ତ୍ତେ ତ୍ରୈବାର୍ଷିକ ଅବକାରୀ ନୀତି ରୂପରେଖ ପ୍ରବର୍ତ୍ତନ ମାଧ୍ୟମରେ ସରକାର ଏହି କ୍ଷେତ୍ରରେ ନୀତିରେ ସ୍ଥିରତା ଓ ସ୍ୱଚ୍ଛତା ଆଣିବାକୁ ଉଦ୍ୟମ କରୁଛନ୍ତି। ଏହାସହିତ ଆବଶ୍ୟକ ହେଲେ ଏହାକୁ ପରିବର୍ତ୍ତନ କରିବାର ପ୍ରକ୍ରିୟା ମଧ୍ୟ ରଖୁଛନ୍ତି। ଏହି ନୀତି ଅଧୀନରେ ଏକ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ହେଉଛି ଅବକାରୀ ଶୁଳ୍କ ଉପରେ ୦.୫% ଡି-ଆଡିକ୍ସନ ସେସ୍ ପ୍ରବର୍ତ୍ତନ। ଏହା ମାଧ୍ୟମରେ ମଦକୁ ଏକ କ୍ଷତିକାରକ ପଦାର୍ଥ ଭାବେ ସ୍ୱୀକାର କରାଯାଇଛି। ଏହି ସେସ୍‌ରୁ ଆସୁଥିବା ଆୟ ମଡେଲ ଡି-ଆଡିକ୍ସନ କେନ୍ଦ୍ର ସ୍ଥାପନ ଓ ସୁଦୃଢ଼ କରିବାରେ ବ୍ୟୟ କରାଯିବ।

ଏକ ମୁଖ୍ୟ ସଂରଚନାତ୍ମକ ସଂଶୋଧନ ଭାବେ ମିନିମାନ ଗ୍ୟାରେଣ୍ଟିଡ୍ କ୍ୱାଣ୍ଟିଟି(ଏମ୍‌ଜେକ୍ୟୁ) ପ୍ରଣାଳୀରୁ ମିନିମାନ ଗ୍ୟାରେଣ୍ଟିଡ୍ ଏକ୍ସାଇଜ ରେଭେନ୍ୟୁ (ଏମ୍‌ଜିଇଆର) ପ୍ରଣାଳୀକୁ ଆଣାଯାଇଛି। ଏହା ଦ୍ୱାରା ସରକାରୀ ରାଜସ୍ୱ ସୁରକ୍ଷିତ ହେବା ସହିତ ବ୍ୟବସାୟୀମାନଙ୍କୁ କେବଳ ପରିମାଣ ଲକ୍ଷ୍ୟ ପୂରଣ ପାଇଁ ବିକ୍ରି ବଢ଼ାଇବାର ଚାପ ହ୍ରାସ ପାଇବ। ଏହା 'କୁଟିଆ' ବିକ୍ରୟ ପ୍ରଥାକୁ ରୋକିବାରେ ସହାୟକ ହେବ। ଏହି ନୀତି ଅନୁଯାୟୀ ରାଜ୍ୟରେ ନୂତନ ଅଫ୍, ସିଏଲ୍ କିମ୍ବା ଓଏସ୍ ଦୋକାନ ଖୋଲିବା ନିମନ୍ତେ ଅନୁମତି ଦିଆଯିବ ନାହିଁ। ଗ୍ରାମୀଣ ଅଞ୍ଚଳରେ ମଧ୍ୟ ନୂତନ ଅନ୍ ଦୋକାନ ଖୋଲିବା ନିମନ୍ତେ ଅନୁମତି ଦିଆଯିବ ନାହ। କେବଳ ଶିଳ୍ପାଞ୍ଚଳର ୩-ତାରକା ଓ ତାହା ଠାରୁ ଉପର ହୋଟେଲ୍ ଓ କ୍ଲବରେ ଛାଡ଼ ରହିବ। ଧାର୍ମିକ ଓ ସାଂସ୍କୃତିକ ଭାବନାକୁ ସମ୍ମାନ ଦେଇ ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ଓ ବଡ଼ଦାଣ୍ଡ ପାଖରେ କୌଣସି ଅବକାରୀ ଦୋକାନ ଚାଲୁ ହେବ ନାହିଁ। ଏହା ସହିତ ଘରକୁ ମଦ ପହଞ୍ଚାଇବାକୁ ମଧ୍ୟ ଅନୁମତି ଦିଆଯିବ ନାହିଁ।

ଆଉଟ-ଷ୍ଟିଲ(ଓଏସ୍) ଉତ୍ପାଦନ ୟୁନିଟ୍‌ଗୁଡ଼ିକୁ ଆଧୁନିକୀକରଣ, ଉନ୍ନତ ପ୍ୟାକେଜିଂ ଏବଂ ଗୁଣବତ୍ତା ନିୟନ୍ତ୍ରଣ ଯନ୍ତ୍ରପାତି ସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଫ୍ଏସ୍ଏସ୍ଏଆଇ ସାର୍ଟିଫିକେସନ୍ ଓ ପ୍ରଦୂଷଣ ନିୟନ୍ତ୍ରଣ ନିୟମ ପାଳନ ଅନିବାର୍ଯ୍ୟ କରାଯିବ। ନିର୍ଦ୍ଧାରିତ ସମୟ ସୀମାରେ ଆଧୁନିକୀକରଣ ସମ୍ପୂର୍ଣ୍ଣ କରୁଥିବା ୟୁନିଟମାନଙ୍କୁ ପ୍ରୋତ୍ସାହନ ମଧ୍ୟ ଦିଆଯିବ। ସରକାର ଇଏନ୍ଏ ଗତିବିଧି ନିରୀକ୍ଷଣ ଓ ଉତ୍ପାଦନରୁ ବିକ୍ରୟ ପର୍ଯ୍ୟନ୍ତ ପ୍ରତ୍ୟେକ ବୋତଲକୁ ଟ୍ରାକ୍ କରିବା ପାଇଁ ଟ୍ରାକ ଆଣ୍ଡ ଟ୍ରେସ ପ୍ରଣାଳୀ ପ୍ରବର୍ତ୍ତନ କରିବାକୁ ସ୍ଥିର କରିଛନ୍ତି । ସମସ୍ତ ଉତ୍ପାଦନ ୟୁନିଟ୍ ଓ ଖୁଚୁରା ଦୋକାନ ଗୁଡ଼ିକୁ ସିସିଟିଭି ନିରୀକ୍ଷଣ ଅଧୀନରେ ଆଣାଯିବ ଏବଂ ଏହାକୁ ଅବକାରୀ କମିଶନରଙ୍କ କାର୍ଯ୍ୟାଳୟ ଓ ସମ୍ପର୍କିତ ଜିଲ୍ଲା କାର୍ଯ୍ୟାଳୟ ସହ ସଂଯୋଜିତ କରାଯିବ।

# ରାମ ଲଲାଙ୍କ ସୂର୍ଯ୍ୟ ତିଳକ

ନୂଆଦିଲ୍ଲୀ: ମର୍ଯ୍ୟାଦା ପୁରୁଷ ପ୍ରଭୁ ରାମଚନ୍ଦ୍ରଙ୍କ ଜନ୍ମଦିନ ଅବସରରେ ଅଯୋଧ୍ୟାରେ ବେଶ ଉତ୍ସାହର ସହ ପାଳନ ହୋଇଛି ଶ୍ରୀରାମ ନବମୀ ଉତ୍ସବ। ଏହି ଅବସରରେ ରାମ ଲଲାଙ୍କ ମଥାରେ ଲାଗିହୋଇଥିଲା ସୂର୍ଯ୍ୟ ତିଳକ। ପ୍ରଭୁ ଶ୍ରୀରାମଙ୍କୁ ସୂର୍ଯ୍ୟ ତିଳକ ଦ୍ୱାରା ଅଭିଷେକ କରାଯାଇଥିଲା। ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଥିଲା। ଏହି ଅଲୌକିକ ଦୃଶ୍ୟ ଦେଖିବା ପାଇଁ କେବଳ ଦେଶ ନୁହେଁ ବରଂ ବିଶ୍ୱରୁ ହଜାର ହଜାର ସଂଖ୍ୟାରେ ଭକ୍ତ ଅଯୋଧ୍ୟାରେ ରୁଣ୍ଡ ହୋଇଥିଲେ। ମଧ୍ୟାହ୍ନ ୧୨ ଟାରେ ଏହି ଦିବ୍ୟ ଦର୍ଶନ ମିଳିଥିଲା। ଏହି ଦର୍ଶନ ଭକ୍ତଙ୍କୁ ଦିବ୍ୟ ଅନୁଭୂତି ପ୍ରଦାନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ସୂର୍ଯ୍ୟତିଳକ ଦେଖିଥିଲେ। ରାମଲାଲାଙ୍କ ମସ୍ତକକୁ ସ୍ପର୍ଶ କରିଥିଲା ସୂର୍ଯ୍ୟ ଦେବଙ୍କ ଦିବ୍ୟ ରଶ୍ମୀ। ଏହି ଅପୂର୍ବ ଦୃଶ୍ୟକୁ ସେ ଟେଲିଭିଜନରେ ଦେଖିଥିଲେ। ଏହି ଦିବ୍ୟ ମୁହୂର୍ତ୍ତକୁ ଦେଖିବାକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା।

ତେଜସ୍ୱିନୀ

ବିଶେଷ ଦୃଷ୍ଟି ଆକର୍ଷଣ

- ଧର୍ମଶାଳା
- କ୍ୟାରିଅର୍
- ଅଳସୁଆ ପ୍ରାଣୀ
- ରକ୍ତବର୍ଷା

# ବିଲ୍ ଗେଟ୍ସଙ୍କ କୃତ୍ରିମ ବର୍ଷା

'ବିଲ୍ ଗେଟ୍ସଙ୍କ କୃତ୍ରିମ ବର୍ଷା' ଶୀର୍ଷକ ଏକ ଭାଇରାଲ ରିଲ୍ କିଛିଦିନ ହେଲା ଭାରତୀୟଙ୍କ ହ୍ୱାଟ୍ସଆପ୍‌ରେ ଆଲୋଡ଼ନ ସୃଷ୍ଟି କରିଥିଲା ଓ ଏହି ଅସମୟ ବର୍ଷାରେ ବାହାରକୁ ନ ବାହାରିବା ପାଇଁ କୁହାଯାଉଥିଲା। ସତରେ କ'ଣ ଏହା ପ୍ରବଳ ବର୍ଷାର କାରଣ ରିଲ୍ ଏବଂ ଭିଡିଓ ଦ୍ୱାରା ଏହି ଗୁଜବରେ ଅଭିଯୋଗ କରାଯାଇଥିଲା ଯେ ରାସାୟନିକ ସ୍ପ୍ରେ କିମ୍ବା 'କେମଟ୍ରେଲ' ଯୋଗୁ ସାମ୍ପ୍ରତିକ ପ୍ରବଳ ବର୍ଷା ହୋଇଛି। ଯଦିଓ ଦାବିଟି ମିଥ୍ୟା, ତଥାପି ଏହା ବିଜ୍ଞାନର ଏକ ପ୍ରକୃତ କିନ୍ତୁ ପ୍ରାୟତଃ ଭୁଲ୍ ବୁଝାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ଧ୍ୟାନ ଆକର୍ଷଣ କରିଛି, ଯାହାକୁ ବିଲ୍ ଗେଟ୍ସ ୨୦୦୭ ମସିହାରୁ ସମର୍ଥନ କରିଆସୁଛନ୍ତି। ଏହି ବିଷୟକୁ ଆଲୋଚନା କରିବା ପୂର୍ବରୁ ଆମକୁ ଅତୀତର କିଛି ଐତିହାସିକ ବିଷୟକୁ ଚର୍ଚ୍ଚା କରିବାକୁ ହେବ।

ଊନବିଂଶ ଶତାବ୍ଦୀର ଆରମ୍ଭରେ କିଭଳି ଶିଳ୍ପ ବିପ୍ଲବ ଚରମ ସୀମାରେ ପହଞ୍ଚି ବ୍ରିଟେନ୍‌ର ବାୟୁମଣ୍ଡଳକୁ ବର୍ଷତମାମ ଅନ୍ଧକାର କରି ରଖୁଥିଲା ତାହା ସେହି ସମୟର ପ୍ରସିଦ୍ଧ ଶିଳ୍ପବିରୋଧୀ ଚିନ୍ତନ ରଖୁଥିବା ଚିତ୍ରକର ଜେଏମ୍‌ଏମ୍ ଟରନର ତାଙ୍କର ଅନେକ ଚିତ୍ରରେ ପ୍ରକାଶ କରିଥିଲେ। ୧୯୯୧ରେ ଫିଲିପାଇନର ପିନାଟୁବ ଆଗ୍ନେୟଗିରି ହଠାତ୍ ବିସ୍ଫୋଟିତ ହୋଇ ଏତେ ପରିମାଣରେ ସଲ୍‌ଫର ଡାଇଅକ୍‌ସାଇଡ ବାୟୁମଣ୍ଡଳରେ ପ୍ରବେଶ କରାଇଲା ଯେ ଅନେକ ଦିନ ପର୍ଯ୍ୟନ୍ତ ଠିକ୍ ଭାବରେ ସୂର୍ଯ୍ୟକିରଣ ପୃଥିବୀ ଉପରେ ପହଞ୍ଚିପାରିଲା ନାହିଁ।

ଫଳସ୍ୱରୂପ ପୃଥିବୀର ତାପମାତ୍ରା ପ୍ରାୟ ୧୫ ଦିନ ପର୍ଯ୍ୟନ୍ତ ୦.୬ ଡିଗ୍ରୀ ସେଣ୍ଟିଗ୍ରେଡ କମିଯାଇଥିଲା। ଆଗ୍ନେୟ ଉଦ୍‌ଗିରଣ ଯୋଗୁ ବାୟୁମଣ୍ଡଳରେ ଥିବା ରାସାୟନିକ ଜଳକଣା ସହିତ ମିଶି ଆବରଣ ତିଆରି କରିବା ଫଳରେ କିଛି ପରିମାଣରେ ସୂର୍ଯ୍ୟକିରଣ ଆଂଶିକ ପ୍ରତିଫଳିତ ହୋଇ ପୃଥିବୀ ଉପରକୁ ଆସିବା ଯୋଗୁ ପୃଥିବୀର ତାପମାତ୍ରା କମିଯାଇଥିଲା। ଏହି ଘଟଣା ବୈଜ୍ଞାନିକ ଜଗତରେ ଆଲୋଡ଼ନ ସୃଷ୍ଟି କରି ବୈଷିକ ତାପମାତ୍ରା ନିୟନ୍ତ୍ରଣ ପାଇଁ ଏକ ବୈପ୍ଲବିକ ଚିନ୍ତାଧାରା ଆଣିଦେଲା। ଫଳରେ ଅନେକ ଦେଶର ବୈଜ୍ଞାନିକ ଯେଉଁମାନେ ବିଶ୍ୱ ତାପମାତ୍ରା ନିୟନ୍ତ୍ରଣ ପାଇଁ ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗମନ କମ୍ କରିବାପରି କଷ୍ଟସାଧ୍ୟ ଉପାୟ ପରିବର୍ତ୍ତେ ସୂର୍ଯ୍ୟକିରଣକୁ ସିଧାସଳଖ କୌଣସି ଉପାୟରେ ପ୍ରତିଫଳିତ କରି ପାରିଲେ ବୈଶ୍ୱିକ ତାପମାତ୍ରା ନିୟନ୍ତ୍ରଣ କରିହେବ ବୋଲି ବିଶ୍ୱାସ କଲେ। ଏହି ପ୍ରକ୍ରିୟାକୁ ସୋଲାର ଜିଓଇଞ୍ଜିନିୟରିଂ କିମ୍ବା ସନ୍‌ଡିମିଂ କୁହାଯାଏ। ସଲ୍‌ଫେଟ ଡାଇଅକ୍ସାଇଡ କିମ୍ବା ହାଇଡ୍ରୋଜେନ ସଲ୍‌ଫାଇଡ ଭଳି ରାସାୟନିକ ପଦାର୍ଥକୁ ଯଦି କୌଣସି ଉପାୟରେ ବାୟୁମଣ୍ଡଳର ଉପରି ଭାଗରେ ଛିଞ୍ଚି ଦିଆଯାଏ, ତା'ହେଲେ ଏହି ରାସାୟନିକଗୁଡିକ ଜଳକଣା ସହିତ ମିଶି ଠିକ୍ ଆଗ୍ନେୟ ଉଦ୍‌ଗିରଣ ଧୂଆଁ ଭଳି ସୂର୍ଯ୍ୟକିରଣକୁ ଆକାଶକୁ ପ୍ରତିଫଳିତ କରି ପୃଥିବୀର ତାପମାତ୍ରା କମ୍ କରିପାରିବ। ଏହି ପ୍ରକ୍ରିୟାରେ ବିମାନ କିମ୍ବା ବେଲୁନ ବ୍ୟବହାର କରି ଷ୍ଟ୍ରାଟୋସ୍ଫିଅରରେ ସଲ୍‌ଫେଟ ଡାଇଅକ୍ସାଇଡ, କ୍ୟାଲସିୟମ ଭଳି ରାସାୟନିକ ପଦାର୍ଥକୁ ଛିଞ୍ଚିଦିଆଯାଏ, ଯେଉଁଠି ଏହା ଜଳୀୟ ବାଷ୍ପ ସହିତ ମିଶି ଏକ ଭାସମାନ ମିଶ୍ରଣ ତିଆରି କରି ସୂର୍ଯ୍ୟକିରଣକୁ ପୁନର୍ବାର ମହାକାଶକୁ ପ୍ରତିଫଳିତ କରେ। ଆକଳନ ଅନୁସାରେ ମାତ୍ର ଏକ କିଲୋଗ୍ରାମ ସଲ୍‌ଫର ଡାଇଅକ୍ସାଇଡ ବାୟୁମଣ୍ଡଳ ଉପରିଭାଗରେ ଛିଞ୍ଚିଦେଲେ ଏହା ସଫଳତାର ସହିତ ଏକ ହଜାରରୁ ଅଧିକ ବର୍ଗ କିଲୋମିଟର ଅଞ୍ଚଳରେ ତାପମାତ୍ରା ପ୍ରଭାବିତ କରିପାରିବ। ଏହି ଉପାୟ ଫଳରେ କୌଣସି ଦେଶ ଉପରେ କାର୍ବନ ଉତ୍ସର୍ଜନ କଟକଣା ନ ଲଗାଇ ସହଜରେ ଗ୍ଲୋବାଲ ୱାର୍ମିଂ ଲକ୍ଷ୍ୟ ପୂରଣ କରିହେବ ବୋଲି କୁହାଗଲା।

ବିଶ୍ୱର ଅନେକ ଗବେଷଣା ଅନୁଷ୍ଠାନରେ ବୈଜ୍ଞାନିକମାନେ ଏହା ଉପରେ କାମ କରିବାକୁ ଲାଗିଲେ। ୨୦୨୦ରେ ଅଧ୍ୟୟନରୁ ଜଣାପଡିଛି ବିଶ୍ୱ ତାପମାତ୍ରା ନିୟନ୍ତ୍ରଣ ଦୃଷ୍ଟିରୁ କାର୍ବନ ଉତ୍ସର୍ଜନ ରୋକିବା ନିମନ୍ତେ ବର୍ଷକୁ ଏକ ଡିଗ୍ରୀ ତାପମାତ୍ରା କମାଇବା ପାଇଁ ପ୍ରାୟ ୧୮ ବିଲିୟନ ଡଲାର ଖର୍ଚ୍ଚ କରିବାକୁ ପଡୁଥିବା ବେଳେ ସନ୍‌ଡିମିଂ ପ୍ରକ୍ରିୟା ଦ୍ୱାରା ଏହା ଅଧା ଖର୍ଚ୍ଚରେ କରାଯାଇପାରେ। ବାୟୁମଣ୍ଡଳର ଉପରିଭାଗରେ ସଲ୍‌ଫର୍ କଣିକା ପ୍ରାକୃତିକ ଉପାୟରେ ଆଗ୍ନେୟଗିରିରୁ ବାହାରୁଥିବା ଧୂଳିକୁ ବ୍ୟବହାର କରାଯାଉଥିବାରୁ ଏହା ଅଧିକ ଗ୍ରହଣୀୟ। ଖୁବ୍‌ଶୀଘ୍ର ଏହି ପ୍ରକ୍ରିୟାରେ ସଲ୍‌ଫର ମିଶ୍ରଣ ବେଲୁନ କିମ୍ବା ଉଡ଼ାଜାହାଜ ସାହାଯ୍ୟରେ ବାୟୁମଣ୍ଡଳରେ ଛିଞ୍ଚି କାର୍ଯ୍ୟକ୍ଷମ କରାଯାଇପାରେ। ଏହି ଜ୍ଞାନକୌଶଳ ସମ୍ପର୍କିତ ବିଶେଷ ଗବେଷଣା ପାଇଁ ବିଲ୍ ଗେଟ୍ସ ଆଗେଇ ଆସି ସମର୍ଥନ କରିଥିଲେ। ତେବେ ପରିବେଶବିତ୍‌ଙ୍କ ଦ୍ୱାରା ବିରୋଧ ଓ ସମାଲୋଚନା ଯୋଗୁ ସେ ଏହି ଗବେଷଣାରୁ ଦୂରେଇ ଯାଇଥିଲେ। ପରିବେଶବିତ୍‌ଙ୍କ ଅନୁସାରେ ଏହି ପ୍ରକ୍ରିୟା ଦ୍ୱାରା ପାଣିପାଗ ବଦଳିଯିବ ଓ ବର୍ଷା ହେବାର ପ୍ରାକୃତିକ ଋତୁ ବଦଳିଯାଇ ବ୍ୟାପକ ଭାବରେ କୃଷି କ୍ଷେତ୍ରକୁ ପ୍ରଭାବିତ କରିବ। ମୌସୁମୀ ଉପରେ ନିର୍ଭରଶୀଳ ଅନେକ ଦେଶର କୃଷି ଏହାଦ୍ୱାରା ପ୍ରଭାବିତ ହେବା ସଙ୍ଗେ ସଙ୍ଗେ ଭୂପୃଷ୍ଠରେ ଋତୁ ହିସାବରେ ବଂଶ ବିସ୍ତାର କରୁଥିବା ମଶା ମାଛି ଭଳି ରୋଗ ବାହକ କୀଟମାନଙ୍କ ବଂଶ ହୁଏତ ବୃଦ୍ଧିପାଇ ସମସ୍ୟା ସୃଷ୍ଟି କରିପାରେ।

ସନ୍‌ଡିମିଂ ପ୍ରକ୍ରିୟା ଓ କୃତ୍ରିମ ବର୍ଷା ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ ଜିନିଷ। ସନ୍‌ଡିମିଂ ପ୍ରକ୍ରିୟାରେ ବର୍ଷା କରାଯାଇ ନ ଥାଏ କିନ୍ତୁ କୃତ୍ରିମ ବର୍ଷା ପ୍ରକ୍ରିୟାରେ ଏକ ଉଡାଜାହାଜ ସାହାଯ୍ୟରେ କିଛି ରାସାୟନିକ ପଦାର୍ଥକୁ ଉଡୁଥିବା ବାଦଲ ଉପରେ ଛିଞ୍ଚି ଦିଆଯାଏ। ସେହି ରାସାୟନିକ ପଦାର୍ଥ ଜଳୀୟ ବାଷ୍ପକୁ ଜମାଟ ବାନ୍ଧି ବର୍ଷା ହେବାରେ ସାହାଯ୍ୟ କରେ। ଏହି ପ୍ରକ୍ରିୟା ଦ୍ୱାରା ଉଭୟ ବର୍ଷା କରାଇ ହୁଏ ଓ ବର୍ଷାକୁ କିଛି ଦିନ ସ୍ଥଗିତ ମଧ୍ୟ ରଖିହୁଏ। ଏହାକୁ କ୍ଲାଉଡ ଶେଡିଂ ମଧ୍ୟ କୁହାଯାଏ। ଏଥିପାଇଁ ମୁଖ୍ୟତଃ ସିଲଭର କ୍ଲୋରାଇଡ ବ୍ୟବହାର କରାଯାଇ ଥାଏ। କ୍ଲାଉଡ ଶେଡିଂ ପାଇଁ ଭାରତୀୟ ପ୍ରାଯୋଗିକ ସଂସ୍ଥାନ କାନପୁର ତରଫରୁ ଏକ ପ୍ଲାନ ପ୍ରସ୍ତୁତ କରାଯାଇଛି। ଦିଲ୍ଲୀରେ ହେଉଥିବା ବାୟୁ ପ୍ରଦୂଷଣରୁ ରକ୍ଷା କରିବା ପାଇଁ କୃତ୍ରିମ ବର୍ଷା ନିମିତ୍ତ ଏହି ପ୍ରକ୍ରିୟାକୁ ପ୍ରୟୋଗ କରାଯିବାର ସମ୍ଭାବନା ଅଛି। ସେହିପରି କର୍ଣ୍ଣାଟକ ସରକାରଙ୍କ ତରଫରୁ ମରୁଡିଗ୍ରସ୍ତ ଅଞ୍ଚଳରେ ବର୍ଷା କରେଇବା ପାଇଁ କ୍ଲାଉଡ ଶେଡିଂ ଉପାୟ ଅବଲମ୍ବନ କରାଯାଇଛି। ପୁଣେ ସ୍ଥିତ ଭାରତୀୟ ପାଣିପାଗ ସଂସ୍ଥାନ ଏହା ଉପରେ ଅନେକ ବର୍ଷ ହେବ ଗବେଷଣା କରି ଆସୁଛି। ନାଗପୁର ସୋଲାପୁର, ହାଇଦ୍ରାବାଦ, ଯୋଧପୁର ଓ ବାରାଣସୀ ପ୍ରଭୃତି ସହରରେ ବର୍ଷା କରା ଯାଇ ପାରିଛି। ତେଣୁ ନିକଟରେ ଦିଲ୍ଲୀ ଓ ତା ଆଖପାଖ ଅଞ୍ଚଳରେ ହୋଇଥିବା ଅସମୟ ବର୍ଷା କେବଳ ଏକ ସାଧାରଣ ବାୟୁମଣ୍ଡଳୀୟ ପ୍ରକ୍ରିୟା ଓ ଏଥିରେ ବିଲ୍ ଗେଟ୍ସଙ୍କ ହାତ ନାହିଁ।

# ମର୍ଯ୍ୟାଦା ବନାମ ଆଇନର ବେଡ଼ି

ମଣିଷର ବ୍ୟକ୍ତିଗତ ପରିଚୟ ଏବଂ ତା'ର ସ୍ୱାଭିମାନ ହିଁ ତା' ଜୀବନର ଶ୍ରେଷ୍ଠ ସମ୍ପତ୍ତି। ସମ୍ବିଧାନ ପ୍ରଦତ୍ତ ସମାନତାର ଅଧିକାର ମଧ୍ୟରେ ବ୍ୟକ୍ତିର ମର୍ଯ୍ୟାଦା ରକ୍ଷା କରିବା ରାଷ୍ଟ୍ରର ପରମ କର୍ତ୍ତବ୍ୟ। ମାତ୍ର ସାମ୍ପ୍ରତିକ ସମୟରେ ପ୍ରସ୍ତାବିତ କିଛି ଆଇନଗତ ବ୍ୟବସ୍ଥା ଏହି ମୌଳିକ ଅଧିକାରକୁ କ୍ଷୁଣ୍ଣ କରୁଥିବା ପରି ମନେହୁଏ। ବିଶେଷକରି ଲିଙ୍ଗ ଚିହ୍ନଟ ପାଇଁ ଡାକ୍ତରୀ ପରୀକ୍ଷା ଭଳି ଏକ ଅତ୍ୟନ୍ତ ଅସ୍ୱସ୍ତିକର ଓ ଲଜ୍ଜାପ୍ରଦ ପ୍ରକରଣକୁ ଆଇନର ମାନ୍ୟତା ଦେବା, ମାନବିକ ମର୍ଯ୍ୟାଦାବୋଧ ଉପରେ ଏକ ଶକ୍ତ କୁଠାରାଘାତ।

କହିବା ଅନାବଶ୍ୟକ ଯେ, କୌଣସି ବ୍ୟକ୍ତିର ଶାରୀରିକ ଗଠନକୁ ନେଇ ପରୀକ୍ଷା ନିରୀକ୍ଷା କରିବା କେବଳ ତା'ର ଗୋପନୀୟତାକୁ ନଷ୍ଟ କରେନାହିଁ, ବରଂ ତାକୁ ମାନସିକ ସ୍ତରରେ ଗଭୀର ଆଘାତ ଦେଇଥାଏ। ଅବସୋସର ବିଷୟ ହେଉଛି, ଆମ ସମାଜର ସେହି ଦୁର୍ବଳ, ଅସମ୍ପନ୍ନ ଓ ବଞ୍ଚିତ ବର୍ଗ, ଯେଉଁମାନେ ପୂର୍ବରୁ ହିଁ ଅନେକ ଅବହେଳାର ଶିକାର, ସେମାନଙ୍କୁ ହିଁ ଏଭଳି ତୀବ୍ର ଅପମାନଜନକ ଅନୁଭୂତି ଦେଇ ଗତି କରିବାକୁ ବାଧ୍ୟ କରାଯାଉଛି। ଲିଙ୍ଗଗତ ପରିଚୟ ପାଇଁ ଶାରୀରିକ ପରୀକ୍ଷାର ଅନିବାର୍ଯ୍ୟତା ବ୍ୟକ୍ତିର ଆତ୍ମସମ୍ମାନକୁ ଭୂଲୁଣ୍ଠିତ କରୁଛି।

ଗୋଟିଏ ପଟେ ଆମେ ମାନବିକ ଅଧିକାର ଓ ସମ୍ମାନଜନକ ଜୀବନ ବିଷୟରେ ଆଲୋଚନା କରୁଥିବା ବେଳେ, ଅନ୍ୟପଟେ ଏଭଳି ପ୍ରଥାକୁ ଆଇନର ପରିଧି ଭିତରକୁ ଆଣିବା ଗଣତନ୍ତ୍ରର ମୂଳଦୁଆକୁ ଦୋହଲାଇ ଦେଉଛି। ଆଇନର ଲକ୍ଷ୍ୟ ହେବା ଉଚିତ ସୁରକ୍ଷା ଓ ସମ୍ମାନ ପ୍ରଦାନ କରିବା, କାହାର ମର୍ଯ୍ୟାଦା ସହ ଖେଳିବା ନୁହେଁ। ରାଷ୍ଟ୍ର ଓ ନ୍ୟାୟପାଳିକା ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଗୁରୁତ୍ୱର ସହ ବିଚାର କରିବା ଆବଶ୍ୟକ। ଯେଉଁଠି ମଣିଷର ସର୍ବନିମ୍ନ ମର୍ଯ୍ୟାଦା ସଙ୍କଟରେ, ସେଠି ଆଇନର ଉପଯୋଗିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। ଏବେ ସମୟ ଆସିଛି, ଏହି ବଞ୍ଚିତ ବର୍ଗର ଅଧିକାର ଓ ସମ୍ମାନକୁ ଆଇନର କଠୋରତା ଅପେକ୍ଷା ମାନବିକତାର ଦୃଷ୍ଟିକୋଣରୁ ଦେଖିବା।

'ଟ୍ରାନ୍‌ସଜେଣ୍ଡର ପର୍ସନ୍‌ସ (ପ୍ରଟେକ୍ସନ ଅଫ ରାଇଟ୍‌ସ) ଆମେଣ୍ଡମେଣ୍ଟ ବିଲ୍' ଲୋକସଭାରେ ପାରିତ ହୋଇଯିବା ସହିତ ଏକ ତୀବ୍ର ଓ ଅରୁଚିକର ବିବାଦ ସୃଷ୍ଟି ହୋଇଛି। ସରକାରଙ୍କ ପକ୍ଷରୁ, ଯଦିଓ, କୁହାଯାଉଛି ଯେ ୨୦୧୯ ମସିହାରେ କାର୍ଯ୍ୟକାରୀ ହୋଇଥିବା 'ଟ୍ରାନ୍‌ସଜେଣ୍ଡର ଆଇନ'ଟି ଅନେକ ଦୃଷ୍ଟିରୁ ଅସ୍ପଷ୍ଟ ହୋଇଥିବାରୁ, ତହିଁରେ ସ୍ପଷ୍ଟତା ଆଣି 'ଟ୍ରାନ୍‌ସଜେଣ୍ଡର' ବର୍ଗର ହିତ ସାଧନ କରିବା ଏହାର ଲକ୍ଷ୍ୟ, କିନ୍ତୁ ପ୍ରତିବାଦକାରୀମାନେ କହିଥାଆନ୍ତି ଯେ ଟ୍ରାନ୍‌ସଜେଣ୍ଡରଙ୍କୁ ଚିହ୍ନଟ କରିବାର ମାର୍ଗ ଏବଂ ସେମାନଙ୍କ ଶୋଷଣ ସକାଶେ ପ୍ରସ୍ତାବିତ ଦଣ୍ଡ ବ୍ୟବସ୍ଥା ସଂପୂର୍ଣ୍ଣ ଅଯୌକ୍ତିକ ଏବଂ ଏହା ଦ୍ୱାରା ୨୦୧୯ ଆଇନ ଅନୁସାରେ ସେମାନଙ୍କୁ ମିଳିଥିବା ପରିଚୟ ଓ ଅଧିକାରର ସମୂଳ ଅନ୍ତ ଘଟିବ। କହିବା ବାହୁଲ୍ୟ, ଆମ ଦେଶରେ 'ଟ୍ରାନ୍‌ସଜେଣ୍ଡର'ମାନେ ପୂର୍ବାଗ୍ରହ ଓ ଭ୍ରାନ୍ତ ଧାରଣା ପ୍ରସୂତ ତୀବ୍ର କଦର୍ଥନାର ଶିକାର ହେଉଥିବା ବେଳେ ସେମାନଙ୍କ ମରମ ଦହନ ପ୍ରାୟତଃ ଚକ୍ଷୁରେ ପଡ଼ି ନ ଥାଏ। ତେଣୁ ଏଭଳି ଏକ ସ୍ପର୍ଶକାତର ସଂଦର୍ଭରେ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ହୋଇଥାଏ।

ଏହି ବିଷୟରେ ପ୍ରଥମ ସମସ୍ୟାଟି ନିହିତ ଥାଏ 'ଟ୍ରାନ୍‌ସଜେଣ୍ଡର' ଭଳି ଶବ୍ଦର ଲୌକିକ ଅର୍ଥର ସୀମିତତାରେ; ଯାହା ସ୍ଥୂଳ ଭାବେ 'କିନ୍ନର'ମାନଙ୍କୁ ବୁଝାଏ। ଏକ ଧାରଣା ରହି ଆସିଛି ଯେ ଏମାନେ ପ୍ରାୟତଃ ପୁରୁଷ ଶରୀରଧାରୀ ଅଥଚ ନାରୀ ସୁଲଭ ଆଚରଣ ପ୍ରଦର୍ଶନ କରନ୍ତି। ଏକ ଧାରଣା ରହିଛି ଯେ ଏହି ଅସାମଞ୍ଜସ୍ୟ ମୁଖ୍ୟତଃ ଶରୀର-କୈନ୍ଦ୍ରିକ, ଯାହା ଜନନେନ୍ଦ୍ରିୟର ଗଢ଼ଣ ବା ସୁନିର୍ଦ୍ଦିଷ୍ଟ ହରମୋନ କ୍ଷରଣ ଆଦିର ବିଭ୍ରାଟରେ ପ୍ରକାଶିତ। କିନ୍ତୁ 'ଟ୍ରାନ୍‌ସଜେଣ୍ଡର'ମାନଙ୍କ ମତରେ 'ଟ୍ରାନ୍‌ସଜେଣ୍ଡର'ର ପରିଭାଷା ଏଭଳି ସ୍ଥୂଳ ନୁହେଁ; ଇଂରେଜୀ ଅଭିବ୍ୟକ୍ତି 'ସେକ୍‌ସ' ଓ 'ଜେଣ୍ଡର' ମଧ୍ୟରେ ସୂକ୍ଷ୍ମ ଅର୍ଥଗତ ତାରତମ୍ୟ ରହିଛି (ଯଦିଓ ଆମ ଭାଷାରେ ଉଭୟ ସକାଶେ ଉପଲବ୍ ?ଧ ଗୋଟିଏ ମାତ୍ର ଶବ୍ଦ ହେଉଛି ଲିଙ୍ଗ), ଯେଉଁଠି 'ସେକ୍‌ସ' ଏକ ନିର୍ଦ୍ଦିଷ୍ଟ ଅଙ୍ଗକୁ ବୁଝାଉଥିବା ବେଳେ 'ଜେଣ୍ଡର'ର ଅର୍ଥ ହୋଇପାରେ କୌଣସି ବ୍ୟକ୍ତି ଧାରଣ କରିଥିବା (ତାଙ୍କ) 'ଲିଙ୍ଗ-ନିର୍ଦ୍ଦିଷ୍ଟ' ଚେତନା ବା ବୋଧ ବା ଆବେଗ ଇତ୍ୟାଦି। ତେଣୁ ଯଦି କେହି ତୀବ୍ର ଭାବେ ଅନୁଭବ କରନ୍ତି ଯେ ତାଙ୍କ ଶରୀରରେ କୌଣସି ଆଙ୍ଗିକ ଅସାମଞ୍ଜସ୍ୟ ନ ଥିଲେ ମଧ୍ୟ ତାଙ୍କ ମନୋଭାବ ବିପରୀତ ଲିଙ୍ଗୀୟ, ତେବେ ସେ ଜଣେ 'ଟ୍ରାନ୍‌ସଜେଣ୍ଡର'। ଏବଂ ଉଲ୍ଲେଖଯୋଗ୍ୟ ଯେ ଏଭଳି ଅନୁଭବ ଉଭୟ ପୁରୁଷ ଓ ନାରୀ ଶରୀର ଧାରୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳିପାରେ। ସୁତରାଂ, ଏହି ପରିପ୍ରେକ୍ଷୀରେ 'ଟ୍ରାନ୍‌ସଜେଣ୍ଡର' ରୂପେ ଚିହ୍ନିତ ହେବା ଲାଗି ୨୦୧୪ ମସିହାରେ, ମାନ୍ୟବର ସର୍ବୋଚ୍ଚ ଅଦାଲତଙ୍କ ପକ୍ଷରୁ (ସୁପ୍ରସିଦ୍ଧ 'ନାଲସା ବନାମ ଭାରତ ସରକାର' ମାମଲାରେ) ଯେଉଁ ମାର୍ଗ ନିର୍ଦ୍ଦେଶିକା ପ୍ରଦାନ କରାଯାଇଥିଲା, ତାହା ପ୍ରଣିଧାନଯୋଗ୍ୟ, ଯାହା ଅନୁସାରେ ଏହା ସାବ୍ୟସ୍ତ କରିବା ଲାଗି କୌଣସି ଡାକ୍ତରୀ ପରୀକ୍ଷା ବା ସାର୍ଟିଫିକେଟର ଆବଶ୍ୟକତା ନାହିଁ, କେବଳ ସଂପୃକ୍ତ ବ୍ୟକ୍ତିଙ୍କ ବୟାନ ହିଁ ଯଥେଷ୍ଟ ଓ ସଂପୂର୍ଣ୍ଣ ରୂପେ ସାଂବିଧାନିକ। କହିବା ବାହୁଲ୍ୟ, ଏହା ସହିତ 'ଟ୍ରାନ୍‌ସଜେଣ୍ଡର'ମାନେ ସେମାନଙ୍କ ବ୍ୟକ୍ତିତ୍ୱକୁ ବ୍ୟକ୍ତ କରିବାର ଦୁର୍ଲଭ ସ୍ୱାଧୀନତା ଲାଭ କରିଥିଲେ। ତା' ସହିତ ଏହି ରାୟ ଉପରେ ଆଧାରିତ ୨୦୧୯ ମସିହାର ଆଇନ ଅନୁସାରେ ପ୍ରଥମ ଥର ଲାଗି ସ୍ୱତନ୍ତ୍ର ଭାବେ 'ତୃତୀୟ ଲିଙ୍ଗ'ର ମାନ୍ୟତା ପାଇ ଶିକ୍ଷା, ବୃତ୍ତି, ଚିକିତ୍ସା ଇତ୍ୟାଦି କ୍ଷେତ୍ରରେ ସ୍ୱାଭାବିକ ଅଧିକାର ପ୍ରାପ୍ତ ହୋଇଥିଲେ। ସେହି ଦୃଷ୍ଟିରୁ ଏହି ନୂତନ ସଂଶୋଧନ ବିଲ୍‌ଟି ଉତ୍ପୀଡ଼କ ଭଳି ମନେ ହୋଇଥାଏ; କାରଣ ଏହା ଅନୁସାରେ 'ଟ୍ରାନ୍‌ସଜେଣ୍ଡର'ଙ୍କ ଚିହ୍ନଟ କାର୍ଯ୍ୟଟି କେବଳ ଡାକ୍ତରୀ ପରୀକ୍ଷା ଦ୍ୱାରା ହିଁ ସଂପାଦିତ ହେବ। କହିବା ଅନାବଶ୍ୟକ ଯେ ଏହା ଦ୍ୱାରା 'ଟ୍ରାନ୍‌ସଜେଣ୍ଡର'ମାନଙ୍କ ମଧ୍ୟରୁ ଏକ ବଡ଼ ଅଂଶ ସେମାନଙ୍କ ସ୍ୱତନ୍ତ୍ର ମାନ୍ୟତା ହରାଇବେ, ଯେହେତୁ କୌଣସି ଡାକ୍ତରୀ ପରୀକ୍ଷା ଦ୍ୱାରା 'ବୋଧ' ବା 'ଭାବ' ବା 'ଆବେଗ' ନିରୂପଣ କରାଯିବା ଅସମ୍ଭବ। ତା' ସହିତ, ୨୦୧୯ ପର ଠାରୁ ଆଜି ପର୍ଯ୍ୟନ୍ତ ପ୍ରାୟ ୭ ବର୍ଷର ଅବଧି ମଧ୍ୟରେ 'ତୃତୀୟ ଲିଙ୍ଗ' ଆଧାରରେ ତିଆରି ପରିଚୟ ପତ୍ର, ଅନ୍ୟାନ୍ୟ ସରକାରୀ କାଗଜପତ୍ର ଓ ଦଲିଲ ଏକାବେଳକେ ଅଚଳ ହୋଇଯିବ; ଏହି ସଂଶୋଧନ ପିଛିଲା ଭାବେ ଲାଗୁ କରାଯିବାର ବ୍ୟବସ୍ଥା ଥିବାରୁ ଅନେକ ବ୍ୟକ୍ତି ସେମାନଙ୍କ ବୃତ୍ତି ମଧ୍ୟ ହରାଇବେ; ଏବଂ ଯାହା ସର୍ବାଧିକ ଦୁଃଖଦ ହେବ, ତାହା ହେଲା ସେମାନଙ୍କ ସ୍ୱାଭାବିକ ପରିଚୟର ସାଂବିଧାନିକ ସ୍ୱୀକୃତି ନିଶ୍ଚିହ୍ନ ହୋଇଯିବ।

ପ୍ରଶ୍ନ ଉଠିଥାଏ ଯେ ସରକାର ଏଭଳି ଏକ ସଂଶୋଧନ ଆଣିବାକୁ ହଠାତ୍ ଉଦ୍‌ଗ୍ରୀବ ହୋଇ ଉଠିଛନ୍ତି କାହିଁକି, ପୁଣି ପଶ୍ଚିମ ଏସିଆରେ ତୀବ୍ର ଯୁଦ୍ଧର ଘନଘଟା କାଳରେ ଏହା ଦୁର୍ବୋଧ! ତେବେ, ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଏହାର ଉଦ୍ଦେଶ୍ୟ 'ଟ୍ରାନ୍‌ସଜେଣ୍ଡର'ଙ୍କ ଚିହ୍ନଟରେ ସ୍ପଷ୍ଟତା ଆଣି ସେହି ବର୍ଗରୁ ଅଯୋଗ୍ୟମାନଙ୍କୁ ବହିଷ୍କାର କରିବା, ଯଦ୍ୱାରା ପ୍ରକୃତ ହିତାଧିକାରୀଙ୍କ ନ୍ୟାୟୋଚିତ ଅଧିକାର ଅପହୃତ ହେବନାହିଁ। ଏହି ପରିପ୍ରେକ୍ଷୀରେ ପ୍ରତିବାଦୀ ପକ୍ଷଙ୍କ ତର୍କ କହିଥାଏ ଯେ ଦେଶରେ 'ଟ୍ରାନ୍‌ସଜେଣ୍ଡର'ଙ୍କ ସଂଖ୍ୟା ପ୍ରାୟ ୫ ଲକ୍ଷ (୨୦୧୦-୧୧ ଜନଗଣନା ଅନୁସାରେ) ଏବଂ 'ତୃତୀୟ ଲିଙ୍ଗ' ଭାବେ ସ୍ୱୀକୃତିପତ୍ରଧାରୀଙ୍କ ସଂଖ୍ୟା ମାତ୍ର ୩୦ ହଜାର ହୋଇଥିବା ବେଳେ ଜନସଂଖ୍ୟାର ଏଭଳି କ୍ଷୁଦ୍ରାତିକ୍ଷୁଦ୍ର ଅଂଶରେ ଆହୁରି ଛେଦନ ଘଟାଇବା ଆଦୌ ପରିପକ୍ୱ ବୁଦ୍ଧିମତ୍ତାର ପରିଚୟ ନୁହେଁ। ୨୦୧୯ ମସିହାରୁ 'ଟ୍ରାନ୍‌ସଜେଣ୍ଡର' ଭାବେ ଚିହ୍ନିତ ଜଣେ ବିଦ୍ୟାର୍ଥୀ, ଏହି ନୂତନ ବ୍ୟବସ୍ଥାରେ, ତା'ର ବାର୍ଷିକ ମାତ୍ର ୧୩ ହଜାର ଟଙ୍କାର ବୃତ୍ତି ହରାଇବ ସିନା, ଏଣେ ଚିରସ୍ରୋତା 'ଫ୍ରିବି'ର ପ୍ରବାହ ଦେଶ ଓ ରାଜ୍ୟର ରାଜକୋଷକୁ ନିଃଶେଷ କରି ଚାଲିଥିଲେ ହେଁ ବିଭିନ୍ନ ଯୋଜନାରୁ ଅଯୋଗ୍ୟ ହିତାଧିକାରୀଙ୍କୁ ହଟାଇବାର ବିଶେଷ କେ ?ଣସି ପ୍ରୟାସ ଦିଶୁ ନ ଥିବ! ଏହା ଏକ ବିଡ଼ମ୍ବନା ନୁହେଁ କି! କେବଳ ସେତିକି ନୁହେଁ, ନୂତନ ବିଲ୍‌ରେ ପ୍ରାବଧାନ ଅଛି ଯେ ବଳପୂର୍ବକ ହେଉ ଅଥବା ଫୁସୁଲାଫୁସୁଲି ମାଧ୍ୟମରେ ହେଉ; କେ ?ଣସି ମନୁଷ୍ୟକୁ 'ଟ୍ରାନ୍‌ସଜେଣ୍ଡର'ରେ ପରିଣତ କରିବାର ଉଦ୍ୟମ କଠୋର ଦଣ୍ଡର ଅଧୀନସ୍ଥ ହେବ, ଅର୍ଥାତ୍ ୧୦ ବର୍ଷରୁ ନେଇ ଆଜୀବନ କାରାବାସ ପର୍ଯ୍ୟନ୍ତ! ଏହି ଦଣ୍ଡ ବ୍ୟବସ୍ଥା ଆପାତତଃ ଯୁକ୍ତିଯୁକ୍ତ ମନେ ହେଉଥିଲେ ହେଁ ସମସ୍ୟାଟି ହେଲା ଭାରତରେ ପ୍ରାୟ ୯୦%ରୁ ଅଧିକ 'ଟ୍ରାନ୍‌ସଜେଣ୍ଡର', ସେମାନଙ୍କ ପରିବାର ଦ୍ୱାରା ଅନାଦୃତ, ଅସ୍ୱୀକୃତ ଓ ବିତାଡ଼ିତ ହୋଇଥାଆନ୍ତି! ଏଭଳି ସ୍ଥଳେ 'ଟ୍ରାନ୍‌ସଜେଣ୍ଡର'ମାନଙ୍କ ହିତାର୍ଥେ କାର୍ଯ୍ୟରତ ଅନୁଷ୍ଠାନ ବା ସେମାନଙ୍କ ପ୍ରତି ସହାନୁଭୂତିଶୀଳ ବ୍ୟକ୍ତିବିଶେଷ ସ୍ୱାଭାବିକ ଭାବେ ସେହି ପରିବାରଗୁଡ଼ିକ ଦ୍ୱାରା ଘୃଣା ଓ ସନ୍ଦେହର ପାତ୍ର ହୁଅନ୍ତି। ତେଣୁ ନୂଆ ଆଇନର ଦୁରୁପଯୋଗ କରି 'ଟ୍ରାନ୍‌ସଜେଣ୍ଡର'ଙ୍କ ପ୍ରୋତ୍ସାହନକାରୀ ଅଭିଯୋଗରେ ହିତାକାଂକ୍ଷୀମାନଙ୍କୁ ଦଣ୍ଡିତ ମଧ୍ୟ କରାଯାଇପାରେ। କହିବା ଅନାବଶ୍ୟକ ଯେ ଲିଙ୍ଗ ଚିହ୍ନଟ ସକାଶେ ଡାକ୍ତରୀ ପରୀକ୍ଷା ହେଉଛି ଏକ ଅତ୍ୟନ୍ତ ଅସ୍ୱସ୍ତିକର ଓ ଲଜ୍ଜାପ୍ରଦ ପ୍ରକରଣ, ଯାହା ମନୁଷ୍ୟର ସର୍ବନିମ୍ନ ମର୍ଯ୍ୟାଦାବୋଧକୁ ମଧ୍ୟ କ୍ଷୁର୍ଣ୍ଣ କରିଥାଏ।

# ଇରାନ ଆତ୍ମସମର୍ପଣ କରିଛି, ଗୋପନରେ ଯୁଦ୍ଧ ବନ୍ଦ ପାଇଁ ଅନୁରୋଧ କରୁଛି: ଟ୍ରମ୍ପ



ତେହେରାନ/ୱାଶିଂଟନ ଡିସି: ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଏବଂ ଉତ୍ତେଜନା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବିସ୍ଫୋରକ ବୟାନ ଦେଇଛନ୍ତି। ଟ୍ରମ୍ପ ଦାବି କରିଛନ୍ତି ଯେ, ଇରାନ ବାହାରେ ଯୁଦ୍ଧ ଜାରି ରଖିବାକୁ କହୁଥିଲେ ହେଁ ଗୋପନରେ ଆମେରିକା ନିକଟରେ ଆତ୍ମସମର୍ପଣ କରିସାରିଛି। ହ୍ୱାଇଟ ହାଉସରେ ଆୟୋଜିତ କ୍ୟାବିନେଟ ବୈଠକରେ ଟ୍ରମ୍ପ କହିଛନ୍ତି ଯେ, ଯୁଦ୍ଧ ବନ୍ଦ କରିବା ପାଇଁ ଇରାନ ତାଙ୍କୁ ବାରମ୍ବାର ଅନୁରୋଧ କରିଆସୁଛି, ମାତ୍ର ଏହାକୁ ସର୍ବସାଧାରଣରେ ସ୍ୱୀକାର କରିବାକୁ ସେମାନେ ଲଜ୍ଜାବୋଧ କରୁଛନ୍ତି। ଆମେରିକା ନିକଟରେ ନିଜର ବିଶ୍ୱସନୀୟତା ପ୍ରମାଣିତ କରିବା ପାଇଁ ଇରାନ ନିଜ ଆଡୁ ପ୍ରସ୍ତାବ ଦେଇ ହର୍ମୁଜ ପ୍ରଣାଳୀ ଦେଇ ୧୦ଟି ବଡ଼ ତୈଳ ଟ୍ୟାଙ୍କରକୁ ଯିବାକୁ ଅନୁମତି ଦେଇଛି। ପ୍ରଥମେ ୮ଟି ଏବଂ ପରେ କ୍ଷମା ପ୍ରାର୍ଥନା କରି ଆଉ ୨ଟି ଜାହାଜ ପଠାଇଛି। ଆଶ୍ଚର୍ଯ୍ୟର କଥା ହେଉଛି, ଏହି ଜାହାଜଗୁଡ଼ିକରେ ପାକିସ୍ତାନର ପତାକା ଲାଗିଥିବା କଥା ଇରାନ ଜାଣିଥିଲେ ହେଁ, ଆମେରିକା ପ୍ରତି ଏହା ଏକ 'ଉପହାର' ବୋଲି ଟ୍ରମ୍ପ କହିଛନ୍ତି। ଏଥିସହ ସେ ଇରାନକୁ ଚେତାବନୀ ଦେଇଛନ୍ତି ଯେ, ଯଦି ପରମାଣୁ କାର୍ଯ୍ୟକ୍ରମ ତୁରନ୍ତ ବନ୍ଦ ନହୁଏ, ତେବେ ଭୟଙ୍କର ଆକ୍ରମଣ କରାଯିବ।

ଅନ୍ୟପଟେ ଇରାନ ସରକାର ଟ୍ରମ୍ପଙ୍କ ଏହି ସମସ୍ତ ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ଇରାନ କହିଛି ଯେ, ଆମେରିକା ସହ କୌଣସି ଆଲୋଚନା ହୋଇନାହିଁ ଏବଂ ଟ୍ରମ୍ପ ବିଶ୍ୱକୁ ଭ୍ରମିତ କରିବା ପାଇଁ ବାରମ୍ବାର ମିଛ କହୁଛନ୍ତି। ଇରାନ ଅନୁସାରେ ଆମେରିକା କଦାପି ବିଶ୍ୱାସଯୋଗ୍ୟ ରାଷ୍ଟ୍ର ନୁହେଁ। ଯଦି ଆମେରିକା ଇରାନର 'ଖାର୍ଗ ଦ୍ୱୀପ' ଉପରେ ସ୍ଥଳଭାଗରୁ ଆକ୍ରମଣ କରେ, ତେବେ ଇରାନ ବିଶ୍ୱ ବାଣିଜ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ 'ବାବ-ଅଲ-ମାନ୍ଦେବ ଷ୍ଟ୍ରେଟ' ବନ୍ଦ କରିଦେବାକୁ ବାଧ୍ୟ ହେବ। ସୂଚନାଯୋଗ୍ୟ ଯେ, ଏହି ସାମୁଦ୍ରିକ ପଥ ଦେଇ ବିଶ୍ୱର ପ୍ରାୟ ୧୨% ତୈଳ ଯୋଗାଣ ହୋଇଥାଏ ଏବଂ ଏହା ବିଶ୍ୱର ଚତୁର୍ଥ ବୃହତ୍ତମ ସିପିଂ ରୁଟ୍। ନିଜ ବୟାନରେ ଟ୍ରମ୍ପ ଆଉ ଏକ ଆଶ୍ଚର୍ଯ୍ୟଜନକ କଥା କହିଛନ୍ତି ଯେ, ଇରାନର ନେତୃତ୍ୱ ତାଙ୍କୁ ଇସଲାମିକ ଗଣରାଜ୍ୟର ପରବର୍ତ୍ତୀ 'ସର୍ବୋଚ୍ଚ ନେତା' ହେବା ପାଇଁ ଅନୌପଚାରିକ ଭାବେ ଅନୁରୋଧ କରିଥିଲେ। ମାତ୍ର ସେ ଏହାକୁ 'ନା....ଧନ୍ୟବାଦ' କହି ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଟ୍ରମ୍ପଙ୍କ ଏହି ଅସାଧାରଣ ଦାବିକୁ ନେଇ ଇରାନ ସମେତ ବିଶ୍ୱର ଅନେକ ଦେଶରେ ଉପହାସ କରାଯାଉଛି।

## ସେନା ପଦକ ବିଜେତାଙ୍କୁ କେନ୍ଦ୍ରର ବଡ଼ ଉପହାର: ମିଳିବ ଆଜୀବନ ମାଗଣା ଟ୍ରେନ୍ ସୁବିଧା

ନୂଆଦିଲ୍ଲୀ: ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଭାରତ ସରକାର ଦେଶର ତିନି ପ୍ରତିରକ୍ଷା ବାହିନୀ ଯେପରିକି ସ୍ଥଳସେନା, ନୌସେନା ଏବଂ ବାୟୁସେନା ସାହସିକତା ପଦକ ପ୍ରାପ୍ତକାରୀଙ୍କ ପାଇଁ ଜୀବନବ୍ୟାପୀ ମାଗଣା ରେଳ ଯାତ୍ରାର ବିସ୍ତାର ଘୋଷଣା କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏନେଇ ନିର୍ଦ୍ଦେଶନାମା ଜାରି ହୋଇଥିବା ବେଳେ ଭାରତୀୟ ରେଳବାଇ ପକ୍ଷରୁ ମଧ୍ୟ ବିଧିବଦ୍ଧ ଘୋଷଣା ମଧ୍ୟ କରାଯାଇଛି। ରେଳବାଇ ଦର୍ଶାଇଛି ଯେ, ପ୍ରତିରକ୍ଷା ସାହସିକତା ପୁରସ୍କାର ପ୍ରାପ୍ତ ବ୍ୟକ୍ତିବିଶେଷ ତଥା ସେମାନଙ୍କ ପରିବାର ସଦସ୍ୟ (ସ୍ୱାମୀ/ସ୍ତ୍ରୀ କିମ୍ବା ପୁନଃବିବାହ ପର୍ଯ୍ୟନ୍ତ) ଏବଂ ଅବିବାହିତା ମରଣୋତ୍ତର ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କ ପିତାମାତାଙ୍କୁ ଏଣିକି ଜୀବନବ୍ୟାପୀ ମାଗଣା ରେଳ ସେବା ଯୋଗାଇଦିଆଯିବ। ସେନା ମେଡାଲ/ନୌସେନା ମେଡାଲ/ବାୟୁ ସେନା ମେଡାଲ ପାଇଁ ଏହି ସୁବିଧା ମିଳିବ। ଏହି ସୁବିଧା ପ୍ରଥମ ଶ୍ରେଣୀ, ୨ ଏସି ଏବଂ ଏସି ଚେୟାର କାର୍ ପାଇଁ ପ୍ରଯୁଜ୍ୟ ହେବ।

ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ଏହି ନୂତନ ନିୟମ ତଥା ପଦକ୍ଷେପ ଦେଶର ବୀର ସନ୍ତାନଙ୍କ ସର୍ବୋଚ୍ଚ ବଳିଦାନ ପ୍ରତି ଏକ ଗଭୀର କୃତଜ୍ଞତା ବୋଲି ପ୍ରତିରକ୍ଷା ଅଧିକାରୀମାନେ ପ୍ରକାଶ କରିଛନ୍ତି। ଭାରତର ସର୍ବୋଚ୍ଚ ସାହସିକତା ସମ୍ମାନ ଯଥା- ପରମବୀର ଚକ୍ର, ମହାବୀର ଚକ୍ର, ବୀର ଚକ୍ର, ଅଶୋକ ଚକ୍ର, କୀର୍ତ୍ତି ଚକ୍ର ଓ ଶୌର୍ଯ୍ୟ ଚକ୍ର ବିଜେତାମାନେ ଏହି ବିଶେଷ ସୁବିଧା ପାଇବାକୁ ହକ୍‌ଦାର ହେବେ। କନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଇଥିବା ଏହି ପଦକ୍ଷେପକୁ କର୍ତ୍ତବ୍ୟ ପାଳନ ସମୟରେ ଅସାଧାରଣ ସାହସିକତା ପ୍ରଦର୍ଶନ ଏବଂ ବଳିଦାନ ଦେଇଥିବା ସୈନିକମାନଙ୍କ ପ୍ରତି କୃତଜ୍ଞତା ଏବଂ ସମ୍ମାନର ପ୍ରତୀକ ଭାବରେ ଦେଖାଯାଉଛି। ଏହି ନିଷ୍ପତ୍ତିର ଉଦ୍ଦେଶ୍ୟ କେବଳ ବୀରତ୍ୱ ପୁରସ୍କାର ପ୍ରାପ୍ତକାରୀଙ୍କୁ ସମ୍ମାନିତ କରିବା ନୁହେଁ ବରଂ ସେମାନଙ୍କ ପରିବାରକୁ ସାମାଜିକ ଏବଂ ଆର୍ଥିକ ସହାୟତା ପ୍ରଦାନ କରିବା। ସେହିପରି ଭାରତୀୟ ରେଳବାଇ ଅବସରପ୍ରାପ୍ତ ସେନା ଯବାନ୍ ତଥା ପୂର୍ବତନ ଅଗ୍ନିବୀରଙ୍କ ପାଇଁ ମଧ୍ୟ ଏବେ ଏକ ବଡ଼ ନିଯୁକ୍ତି ସୁଯୋଗ ଆଣିଛି। ରିପୋର୍ଟ ଅନୁସାରେ ଏହି ବର୍ଗର ସେନା ଯବାନଙ୍କୁ ନିଯୁକ୍ତି ଦେବା ଉଦ୍ଦେଶ୍ୟରେ ଭାରତୀୟ ରେଳବାଇ ଏକକାଳୀନ ୧୪ହଜାରରୁ ଅଧିକ (୧୪,୭୮୮) ନିଯୁକ୍ତି ଦେବ ବୋଲି ଘୋଷଣା କରିଛି। ରେଳ ମନ୍ତ୍ରଣାଳୟ ଅନୁଯାୟୀ, ଏହି ସହଯୋଗମୂଳକ ପ୍ରୟାସ – 'ସଂସ୍ଥାଗତ ସହଯୋଗକୁ ଗଭୀର କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ହେବା ସହ ନିଶ୍ଚିତ କରୁଛି ଯେ ପୂର୍ବତନ ସୈନିକମାନେ ଅର୍ଥପୂର୍ଣ୍ଣ ଦ୍ୱିତୀୟ କ୍ୟାରିଅର ପଥଗୁଡ଼ିକୁ ପ୍ରବେଶ କରିପାରିବେ। ଅବସରପ୍ରାପ୍ତ ସୈନିକ ଏବଂ ପୂର୍ବତନ ଅଗ୍ନିବୀରଙ୍କ ଏହି ଦ୍ୱିତୀୟ ନିଯୁକ୍ତିଗତ ପରିବର୍ତ୍ତନକୁ ସହଜ କରିବା ପାଇଁ ରେଳବାଇ ଏକ ଦୃଢ଼ ସଂରକ୍ଷଣ ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ କରିଛି।

## ପେଟ୍ରୋଲ-ଡିଜେଲ୍ ଉପରେ ଏକ୍ସାଇଜ ଡ୍ୟୁଟି ହ୍ରାସ

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ କେନ୍ଦ୍ର ସରକାର ଶୁକ୍ରବାର ପେଟ୍ରୋଲ ଓ ଡିଜେଲ ଉପରେ ଲାଗୁ ହେଉଥିବା ଏକ୍ସାଇଜ ଡ୍ୟୁଟକୁ ହ୍ରାସ କରିଛନ୍ତି। ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁ ଅଶୋଧିତ ତୈଳ ଦାମ ବଢ଼ିବାରେ ଲାଗିଥିବା ବେଳେ କେନ୍ଦ୍ର ସରକାର ଏକ୍ସାଇଜ ଡ୍ୟୁଟି ହ୍ରାସ କରି ବିଭିନ୍ନ ତୈଳ କମ୍ପାନୀକୁ ବଡ଼ ଆଶ୍ୱସ୍ତି ଦେଇଛନ୍ତି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ, ପେଟ୍ରୋଲ ଉପରେ ଲାଗୁ ଥିବା ଏକ୍ସାଇଜ ଡ୍ୟୁଟି ଏବେ ୩ ଟଙ୍କା ହୋଇ ଯାଇଛି। ପୂର୍ବରୁ ସରକାର ପେଟ୍ରୋଲ ଲିଟର ପିଛା ୧୩ ଟଙ୍କାର ଏକ୍ସାଇଜ ଡ୍ୟୁଟି ଆଦାୟ କରୁଥିଲେ। କିନ୍ତୁ ୧୦ ଟଙ୍କା ସରକାର କାଟି ଦେଇଥିବାରୁ ଏକ୍ସାଇଜ ଡ୍ୟୁଟି ବାବଦରେ ଏବେ କମ୍ପାନୀଗୁଡ଼ିକ ଲିଟର ପିଛା କେବଳ ୩ ଟଙ୍କା ଦେବେ। ସମାନ ଭାବେ ଡିଜେଲ ଉପରେ ଲାଗୁଥିବା ଏକ୍ସାଇଜ ଡ୍ୟୁଟି ଶୂନକୁ ଖସି ଆସିଛି। ପୂର୍ବରୁ ଡିଜେଲ ଉପରେ ୧୦ ଟଙ୍କାର ଏକ୍ସାଇଜ ଡ୍ୟୁଟି ଲାଗୁ ହେଉଥିଲା। କିନ୍ତୁ ଏବେ ଆଉ ଡିଜେଲ ପାଇଁ କମ୍ପାନୀଗୁଡ଼ିକ କୌଣସି ଏକ୍ସାଇଜ ଡ୍ୟୁଟି ଦେବେ ନାହିଁ। ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁ ବିଶ୍ୱ ଅଶୋଧିତ ତୈଳ ଦାମ ଚିନ୍ତାଜନକ ସ୍ଥିତିରେ ରହିଛି। ଅଶୋଧିତ ତୈଳର ବ୍ୟାରେଲ ପିଛା ଦାମ ବୃଦ୍ଧି ପାଇବାରେ ଲାଗିଛି। ଯୁଦ୍ଧକୁ ନେଇ ଅନିଶ୍ଚିତତା ଏବେ ବି ଜାରି ରହିଥିବାରୁ ସରକାର ପରୋକ୍ଷରେ ଗ୍ରାହକଙ୍କୁ ସୁରକ୍ଷା ଦେବାକୁ ଏପରି ପଦକ୍ଷେପ ନେଇଛନ୍ତି। ଅନ୍ତର୍ଜାତୀୟ ଅଶୋଧିତ ତୈଳ ମୂଲ୍ୟରେ ତୀବ୍ର ଏବଂ ଦ୍ରୁତ ବୃଦ୍ଧିର ପ୍ରତିକ୍ରିୟାରେ ଏହି ନିଷ୍ପତ୍ତି ନିଆଯାଇଛି, ଯାହା ଗତ ମାସରେ ପ୍ରାୟ ୭୦ ଆମେରିକୀୟ ଡଲାର ପ୍ରତି ବ୍ୟାରେଲରୁ ପ୍ରାୟ ୧୨୨ ଆମେରିକୀୟ ଡଲାର ପ୍ରତି ବ୍ୟାରେଲ ହୋଇଛି। ଚାରି ସପ୍ତାହ ମଧ୍ୟରେ ପ୍ରାୟ ୭୫ ପ୍ରତିଶତ ବୃଦ୍ଧି, ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ଏବଂ ବିଶ୍ୱ ଶକ୍ତି ଯୋଗାଣ ଶୃଙ୍ଖଳରେ ଜଡିତ ବାଧା ଯୋଗୁଁ ଏହା ସୃଷ୍ଟି ହୋଇଛି।

## ଇରାନ ପାଇଁ ଯୁଦ୍ଧ ବିରତି ଅବଧି ବଢ଼ାଇଲେ ଟ୍ରମ୍ପ

ତେହେରାନ/ୱାଶିଂଟନ ଡିସି: ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନଘଟା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ନୂତନ ଏବଂ ଚିନ୍ତାଜନକ ବୟାନ ଦେଇଛନ୍ତି। ଟ୍ରମ୍ପ ଦାବି କରିଛନ୍ତି ଯେ, ଇରାନର ଅନୁରୋଧ କ୍ରମେ ସେ ପୂର୍ବରୁ ଧାର୍ଯ୍ୟ ହୋଇଥିବା ଯୁଦ୍ଧ ବିରତି ଅବଧିକୁ ଆଉ ୧୦ ଦିନ ଅର୍ଥାତ୍ ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ସମୟ ମଧ୍ୟରେ ଆମେରିକା ପକ୍ଷରୁ ଇରାନର କୌଣସି ଶକ୍ତି କେନ୍ଦ୍ର ଉପରେ ଆକ୍ରମଣ କରାଯିବ ନାହିଁ ବୋଲି ସେ କହିଛନ୍ତି। ମାତ୍ର ଇରାନ ଏହି ଦାବିକୁ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିବା ସହ ଟ୍ରମ୍ପ ନିୟମିତ ଭାବେ ମିଛ କହୁଥିବା ଅଭିଯୋଗ କରିଛି। ଟ୍ରମ୍ପ ଯୁଦ୍ଧ ବିରତି କଥା କହୁଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ ଜଣାପଡୁଛି। ଇରାନ ସୀମାରେ ହଜାର ହଜାର ସଂଖ୍ୟାରେ ଆମେରିକୀୟ ପଦାତିକ ବାହିନୀ ପହଞ୍ଚି ସାରିଥିବା ବେଳେ ପ୍ରଶାନ୍ତ ମହାସାଗରରୁ ଦୁଇଟି ଶକ୍ତିଶାଳୀ ସାମୁଦ୍ରିକ ଅଭିଯାନ ୟୁନିଟ୍ ପ୍ରାୟ ୪,୫୦୦ ସୈନ୍ୟଙ୍କ ସହ ମଧ୍ୟପ୍ରାଚ୍ୟ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ବ୍ୟାପକ ସାମରିକ ପ୍ରସ୍ତୁତିକୁ ଦେଖି ପ୍ରତିରକ୍ଷା ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି ଯେ, ଶନିବାର (ମାର୍ଚ୍ଚ ୨୮) ଇରାନ ଉପରେ ଏକ ବଡ଼ ଧରଣର ଆକ୍ରମଣ ହୋଇପାରେ, ଯାହାକୁ 'ଡି-ଡେ' ବା 'ଡୁମ୍ସ ଡେ' ବୋଲି କୁହାଯାଉଛି।

ଅନ୍ୟପଟେ ଇରାନ ମଧ୍ୟ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି ଏବଂ ଆମେରିକୀୟ ସୈନ୍ୟ ଆଡ୍ଡାଗୁଡ଼ିକୁ ଇରାନର ରିଭୋଲ୍ୟୁସନାରୀ ଗାର୍ଡସ ନିଜ ଟାର୍ଗେଟକୁ ନେଇଛି। ଏହି ସମୟରେ ଇରାନ ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଥିବା ସ୍ୱୀକାର କରିଛି। ଆଶ୍ଚର୍ଯ୍ୟଜନକ ଭାବେ, ଇସ୍ରାଏଲ ଉପରେ ନିକ୍ଷେପ କରାଯାଇଥିବା କ୍ଷେପଣାସ୍ତ୍ରଗୁଡ଼ିକରେ 'ଥାଙ୍କ ୟୁ ଭାରତ' ବୋଲି ଲେଖାଯାଇଥିବା ରିପୋର୍ଟ ମିଳିଛି। ଜମ୍ମୁ-କାଶ୍ମୀରର କୁନି ପିଲାମାନେ ନିଜ ସଞ୍ଚିତ ଅର୍ଥ ଇରାନକୁ ସହାୟତା ପାଇଁ ଦାନ କରିଥିବାରୁ, ଭାରତୀୟଙ୍କ ସେହି ସ୍ନେହ ଓ ଭଲପାଇବାକୁ ଇରାନ ସମ୍ମାନ ଜଣାଇ ଏଭଳି ବାର୍ତ୍ତା ଲେଖିଥିବା ଜଣାପଡ଼ିଛି। ଇସ୍ରାଏଲ ପକ୍ଷରୁ ତେହେରାନ ସ୍ଥିତ ପାକିସ୍ତାନ ଦୂତାବାସ ନିକଟରେ ଆକ୍ରମଣ କରାଯାଇଥିବା ସୂଚନା ମିଳିଥିବା ବେଳେ ଇରାନ କ୍ରମାଗତ ଭାବେ ଉପସାଗରୀୟ ରାଷ୍ଟ୍ରଗୁଡ଼ିକ ଉପରେ ବୋମାମାଡ଼ ଜାରି ରଖିଛି। ଟ୍ରମ୍ପଙ୍କ ଯୁଦ୍ଧ ବିରତି ବାହାନାରେ ଆମେରିକା ଏକ ବଡ଼ ଧରଣର ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିବା ବେଳେ, ମଧ୍ୟପ୍ରାଚ୍ୟରେ ଏବେ ଯେକୌଣସି ମୁହୂର୍ତ୍ତରେ ମହାଯୁଦ୍ଧର ସୂତ୍ରପାତ ହେବା ପରି ମନେହେଉଛି।

## 'ଟିମ୍ ଇଣ୍ଡିଆ' ଭାବେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ମୋଦୀଙ୍କ ଗୁରୁମନ୍ତ୍ର

ନୂଆଦିଲ୍ଲୀ: ପଶ୍ଚିମ ଏସିଆ ବା ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତି ଏବଂ ଏହାର ସମ୍ଭାବ୍ୟ ପ୍ରଭାବର ମୋକାବିଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଭିଡିଓ କନଫରେନ୍ସିଂ ଜରିଆରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ପ୍ରାୟ ଅଢ଼େଇ ଘଣ୍ଟା ଧରି ଚାଲିଥିବା ଏହି ବୈଠକରେ ଶକ୍ତି ସୁରକ୍ଷା, ଖାଉଟି ସାମଗ୍ରୀର ଯୋଗାଣ ଏବଂ ବିଦେଶରେ ଥିବା ଭାରତୀୟଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, କୋଭିଡ-୧୯ ସମୟରେ କେନ୍ଦ୍ର ଓ ରାଜ୍ୟ ସରକାର ଯେପରି ମିଳିତ ଭାବେ କାର୍ଯ୍ୟ କରିଥିଲେ, ବର୍ତ୍ତମାନର ସଙ୍କଟ ସମୟରେ ମଧ୍ୟ ସେହିପରି 'ଟିମ୍ ଇଣ୍ଡିଆ' ଭାବେ କାର୍ଯ୍ୟ କରିବାକୁ ହେବ। ବିଶେଷକରି ହର୍ମୁଜ ପ୍ରଣାଳୀରେ ସୃଷ୍ଟି ହୋଇଥିବା ଅସ୍ଥିରତା ଯୋଗୁଁ ଯେପରି ତୈଳ ଏବଂ ଗ୍ୟାସ୍ ଯୋଗାଣ ବାଧାପ୍ରାପ୍ତ ନହୁଏ, ସେଥିପାଇଁ ସରକାର ସତର୍କ ଅଛନ୍ତି। ଯୁଦ୍ଧ ପ୍ରଭାବରେ ଦରଦାମ୍ ବୃଦ୍ଧି ଏବଂ କଳାବଜାରୀକୁ ରୋକିବା ପାଇଁ ରାଜ୍ୟ ସରକାରମାନଙ୍କୁ କଠୋର ନଜର ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ପରିସ୍ଥିତିର ସୂଚାରୁ ପରିଚାଳନା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ନେତୃତ୍ୱରେ ଏକ ଆନ୍ତଃ-ମନ୍ତ୍ରାଳୟ ଗୋଷ୍ଠୀ ଗଠନ କରାଯାଇଛି, ଯେଉଁଥିରେ ଗୃହମନ୍ତ୍ରୀ ଅମିତ ଶାହ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ସଦସ୍ୟ ଅଛନ୍ତି। ଏହା ସହିତ ସଙ୍କଟର ବିଭିନ୍ନ ଦିଗକୁ ତଦାରଖ କରିବା ପାଇଁ ୭ଟି ସଶକ୍ତ ଗୋଷ୍ଠୀ ମଧ୍ୟ ଗଠନ କରାଯାଇଛି। ଅନ୍ୟପଟେ, ମଧ୍ୟପ୍ରାଚ୍ୟ ସଂଘର୍ଷ ଯୋଗୁଁ ଦେଶରେ ଲକ୍‌ଡାଉନ୍ କିମ୍ବା ଇନ୍ଧନ ଅଭାବ ହେବା ନେଇ ସୋସିଆଲ ମିଡିଆରେ ପ୍ରସାରିତ ହେଉଥିବା ଖବରକୁ ସରକାର ସମ୍ପୂର୍ଣ୍ଣ ଭୁଲ୍ ବୋଲି ସ୍ପଷ୍ଟ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଦେଶରେ କୌଣସି ପ୍ରକାରର ଲକ୍‌ଡାଉନ୍ ଲାଗୁ ହେବ ନାହିଁ ଏବଂ ଆଗାମୀ ୬୦ ଦିନ ପାଇଁ ଦେଶରେ ପର୍ଯ୍ୟାପ୍ତ ଇନ୍ଧନ ଓ ଗ୍ୟାସ୍ ମହଜୁଦ ଅଛି। ଘରୋଇ ଏଲ୍ ?ପିଜି ଉତ୍ପାଦନରେ ୪୦% ବୃଦ୍ଧି ଘଟିଥିବା ବେଳେ ଦେଶର ସମସ୍ତ ରିଫାଇନାରୀ ୧୦୦% କ୍ଷମତା ସହ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ପେଟ୍ରୋଲ କିମ୍ବା ଡିଜେଲ ଦରରେ କୌଣସି ବୃଦ୍ଧି କରାଯାଇ ନାହିଁ। ଏହି ବୈଠକରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ୨୦ ଜଣ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ରାଜ୍ୟଗୁଡ଼ିକର ମୁଖ୍ୟ ସଚିବମାନଙ୍କ ସହ କ୍ୟାବିନେଟ୍ ସଚିବାଳୟ ମାଧ୍ୟମରେ ପୃଥକ ଭାବେ ଆଲୋଚନା କରାଯିବ।

# ପ୍ରେମ




ବିଭାସୁ ଆଖପାଖକୁ ଚାହିଁଲା। ସେ ଦେଖିଲା ଦୁଇଜଣ କଲେଜ ଝିଅ ଗୋଟିଏ ସ୍ଥାନରେ ଠିଆ ହୋଇ ତେଲଟାଙ୍କି ଆଡ଼କୁ ଚାହୁଁଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ବେଶ୍ ଆଧୁନିକା ଓ ସୁନ୍ଦରୀ ଥିଲା। ବିଭାସୁ ଭାବିଲା, ନିଶ୍ଚିତ ଭାବେ ଏଇ ଝିଅଟି ହିଁ ସ୍ମୃତିମୟୀ ହୋଇଥିବ। ସେ ମନରେ ଅନେକ ଆଶା ନେଇ ସେମାନଙ୍କ ପାଖକୁ ଗଲା। କିନ୍ତୁ ସେ ପହଞ୍ଚିବା ପରେ ସେଠାରେ ଥିବା ଅନ୍ୟ ଜଣେ ସାଧାରଣ ଦେଖାଯାଉଥିବା ଝିଅଟି ହସିଦେଇ କହିଲା, 'ଆପଣ ହିଁ ବିଭାସୁ ବାବୁ ନା ?' ବିଭାସୁ ଚକିତ ହୋଇଗଲା। କାରଣ ସେ ଯାହାକୁ ସ୍ମୃତିମୟୀ ବୋଲି ଭାବିଥିଲା, ସେ ଜଣକ ଥିଲେ ସ୍ମୃତିମୟୀର ସାଙ୍ଗ। ଆଉ ଯିଏ ସ୍ମୃତିମୟୀ ଥିଲା, ତା'ର ରୂପ ବିଭାସୁର କାଳ୍ପନିକ ରୂପ ସହ ଆଦୌ ମିଳୁନଥିଲା। ସେ ବହୁତ ସାଧାରଣ ଥିଲା।

ସେଦିନ କିଛି ସମୟ କଥାବାର୍ତ୍ତା ପରେ ବିଭାସୁ ସେଠାରୁ ଫେରିଆସିଲା। ତା' ମନରେ ଗୋଟିଏ ଅଜବ ପ୍ରକାରର ନୈରାଶ୍ୟ ଖେଳିଯାଇଥିଲା। ସେ ଭାବୁଥିଲା, ସେ ଯେଉଁ ସୌନ୍ଦର୍ଯ୍ୟକୁ ଖୋଜୁଥିଲା, ତାହା ସେ ସ୍ମୃତିମୟୀ ଭିତରେ ପାଇଲାନି। ଦୁଇ-ତିନି ଦିନ ପର୍ଯ୍ୟନ୍ତ ବିଭାସୁ ସ୍ମୃତିମୟୀକୁ ଆଉ ଫୋନ୍ କଲାନି। ସେ ନିଜ ଭିତରେ ସଂଘର୍ଷ କରୁଥିଲା। ଶେଷରେ ଦିନେ ସ୍ମୃତିମୟୀର ପୁଣି ଫୋନ୍ ଆସିଲା। ସେତେବେଳେ ବିଭାସୁ ପାଖରେ ତା' ବୋଉ ବସିଥିଲେ। ଫୋନ୍‌ଟି ବିଭାସୁ ଧରିଥିବା ବେଳେ ବୋଉ ପଚାରିଲେ, 'କିଏରେ ବିଭା ? ଏତେ ଦିନ ହେଲା କାହା ସହିତ କଥା ହେଉଛୁ ?' ବିଭାସୁ କିଛି ନକହି ଫୋନ୍‌ଟି କାଟିଦେଲା।

ଏହାପରେ କିଛି ଦିନ ବିତିଗଲା। ବିଭାସୁ ସ୍ମୃତିମୟୀର କଲ୍ ରିସିଭ୍ କଲାନି କି ମେସେଜର ରିପ୍ଲାଇ ଦେଲାନି। ସେ ଭାବୁଥିଲା ସବୁକିଛି ଏଇଠି ଶେଷ ହୋଇଯିବା ଭଲ। ମାତ୍ର ଦିନେ ସନ୍ଧ୍ୟାରେ ତା'ର ପୁରୁଣା ଡାଏରୀଟି ଖୋଲୁ ଖୋଲୁ ସେଥିରୁ ଏକ ଶୁଖିଲା ଗୋଲାପ ଫୁଲ ଝଡ଼ି ପଡ଼ିଲା। ସେଇ ଫୁଲଟିକୁ ଦେଖି ତା'ର ମନେ ପଡ଼ିଲା ସ୍ମୃତିମୟୀ ସହ ହୋଇଥିବା ସେଇ ପୁରୁଣା କଥାଗୁଡ଼ିକ। ସ୍ମୃତିମୟୀର କଣ୍ଠସ୍ୱରରେ ଥିବା ସେଇ ନିଷ୍ପାପପଣ ଓ ସ୍ନେହର ସ୍ମୃତି ତାକୁ ଆନ୍ଦୋଳିତ କଲା। ସେ ନିଜକୁ ପଚାରିଲା, 'ମୁଁ କ'ଣ ସ୍ମୃତିମୟୀକୁ ଭଲ ପାଉଥିଲି ନା ତା'ର ଏକ କାଳ୍ପନିକ ଚେହେରାକୁ ?' ତାକୁ ନିଜ ଉପରେ ଘୃଣା ଆସିଲା। ସେ ବୁଝିପାରିଲା ଯେ ସେ କେବଳ ମାଂସର ଚେହେରାକୁ ଖୋଜୁଥିଲା, ଯେତେବେଳେ କି ସ୍ମୃତିମୟୀ ତାକୁ ନିଜର ଆତ୍ମା ଦେଇ ସାରିଥିଲା।

ସେଇଦିନ ରାତିରେ ବିଭାସୁ ନିଜେ ସ୍ମୃତିମୟୀକୁ ଫୋନ୍ କଲା। ଫୋନ୍ ଉଠାଇବା ମାତ୍ରେ ସ୍ମୃତିମୟୀ କାନ୍ଦ କାନ୍ଦ ସ୍ୱରରେ କହିଲା, 'ମୁଁ ଜାଣିଛି ଆପଣ ମୋତେ ଦେଖିବା ପରେ କାହିଁକି ଆଉ କଥା ହେବାକୁ ଚାହୁଁନାହାନ୍ତି। ମୁଁ ସୁନ୍ଦରୀ ନୁହେଁ, ସେଥିପାଇଁ ହୁଏତ ମୋ ସହିତ ସମ୍ପର୍କ ରଖିବାକୁ ଆପଣଙ୍କୁ ଲାଜ ଲାଗୁଛି। ମୁଁ ଆପଣଙ୍କୁ ଆଉ ବିରକ୍ତ କରିବିନି।' ସ୍ମୃତିମୟୀର ଏଇ କଥା ପଦକ ବିଭାସୁର ହୃଦୟକୁ ବିଦ୍ଧ କଲା। ସେ ଅନୁତପ୍ତ ହୋଇ କହିଲା, 'ନା ସ୍ମୃତି, ତୁମେ ଭୁଲ୍ ବୁଝିଛ। ପ୍ରକୃତରେ ଭୁଲ୍ ମୋର ଥିଲା। ମୁଁ ଚେହେରାର ଚମକରେ ଏତେ ଅନ୍ଧ ହୋଇଯାଇଥିଲି ଯେ ତୁମର ଶୁଦ୍ଧ କଣ୍ଠସ୍ୱର ଆଉ ନିର୍ମଳ ମନକୁ ଦେଖିପାରିଲିନି।'

ବିଭାସୁ ଆହୁରି କହିଲା, 'ସେଦିନ ମୁଁ ବୋଉଙ୍କ ଆଗରେ ଫୋନ୍ କାଟି ଦେଇଥିଲି ସତ, କିନ୍ତୁ ଆଜି ସେଇ ବୋଉଙ୍କୁ ସବୁକିଛି କହି ସାରିଛି। ସେ ମୋତେ ଗୋଟିଏ କଥା ବୁଝାଇଛନ୍ତି ଯେ-ଦୁନିଆରେ ଚେହେରା ବଦଳିଯାଏ, ହେଲେ ସୁନ୍ଦର ଗୁଣ ଓ ଭଲପାଇବା ସବୁଦିନ ପାଇଁ ରହିଥାଏ।' ସ୍ମୃତିମୟୀ ଚୁପ୍ ରହିଲା, କିନ୍ତୁ ତା'ର ନିଶ୍ୱାସର ଶବ୍ଦରୁ ବୁଝାପଡୁଥିଲା ଯେ ସେ ଆଶ୍ୱସ୍ତ ହୋଇଛି। ଶେଷରେ ବିଭାସୁ ସ୍ଥିର କଲା ଯେ ସେ ସ୍ମୃତିମୟୀର ସେଇ ସରଳତାକୁ ହିଁ ଆପଣେଇ ନେବ। ପ୍ରକୃତ ପ୍ରେମ ବଜାରର ଚକାଚକ୍ୟରେ ନଥାଏ, ବରଂ ଦୁଇଟି ମନର ନିରବ ଭାଷାରେ ଥାଏ। ସେମାନଙ୍କ ସମ୍ପର୍କ ପୂର୍ବ ଅପେକ୍ଷା ଆହୁରି ମଜବୁତ୍ ହେଲା। ବିଭାସୁ ଜାଣିପାରିଲା ଯେ ପ୍ରେମ ଦେଖିବାରେ ନୁହେଁ, ଅନୁଭବରେ ହିଁ ପୂର୍ଣ୍ଣତା ପାଏ। ସେଦିନ ରାତିର ଆକାଶରେ ଚନ୍ଦ୍ର ଯେତେ ଉଜ୍ଜଳ ଦେଖାଯାଉଥିଲା, ସ୍ମୃତିମୟୀର ଚରିତ୍ର ବିଭାସୁ ପାଇଁ ତା'ଠାରୁ ଅଧିକ ଜ୍ୟୋତିର୍ମୟ ଥିଲା। କାଳ୍ପନିକ ରୂପର ମୃଗତୃଷ୍ଣା ଶେଷ ହୋଇଥିଲା ଏବଂ ଜନ୍ମ ନେଇଥିଲା ଏକ ନୂଆ, ବାସ୍ତବ ଓ ପବିତ୍ର ପ୍ରେମ କାହାଣୀ।

ବିଭାସୁ ଆହୁରି କହିଲା, 'ସେଦିନ ମୁଁ ବୋଉଙ୍କ ଆଗରେ ଫୋନ୍ କାଟି ଦେଇଥିଲି ସତ, କିନ୍ତୁ ଆଜି ସେଇ ବୋଉଙ୍କୁ ସବୁକିଛି କହି ସାରିଛି। ସେ ମୋତେ ଗୋଟିଏ କଥା ବୁଝାଇଛନ୍ତି ଯେ-ଦୁନିଆରେ ଚେହେରା ବଦଳିଯାଏ, ହେଲେ ସୁନ୍ଦର ଗୁଣ ଓ ଭଲପାଇବା ସବୁଦିନ ପାଇଁ ରହିଥାଏ।' ସ୍ମୃତିମୟୀ ଚୁପ୍ ରହିଲା, କିନ୍ତୁ ତା'ର ନିଶ୍ୱାସର ଶବ୍ଦରୁ ବୁଝାପଡୁଥିଲା ଯେ ସେ ଆଶ୍ୱସ୍ତ ହୋଇଛି।

ଶେଷରେ ବିଭାସୁ ସ୍ଥିର କଲା ଯେ ସେ ସ୍ମୃତିମୟୀର ସେଇ ସରଳତାକୁ ହିଁ ଆପଣେଇ ନେବ। ପ୍ରକୃତ ପ୍ରେମ ବଜାରର ଚକାଚକ୍ୟରେ ନଥାଏ, ବରଂ ଦୁଇଟି ମନର ନିରବ ଭାଷାରେ ଥାଏ। ସେମାନଙ୍କ ସମ୍ପର୍କ ପୂର୍ବ ଅପେକ୍ଷା ଆହୁରି ମଜବୁତ୍ ହେଲା। ବିଭାସୁ ଜାଣିପାରିଲା ଯେ ପ୍ରେମ ଦେଖିବାରେ ନୁହେଁ, ଅନୁଭବରେ ହିଁ ପୂର୍ଣ୍ଣତା ପାଏ। ସେଦିନ ରାତିର ଆକାଶରେ ଚନ୍ଦ୍ର ଯେତେ ଉଜ୍ଜଳ ଦେଖାଯାଉଥିଲା, ସ୍ମୃତିମୟୀର ଚରିତ୍ର ବିଭାସୁ ପାଇଁ ତା'ଠାରୁ ଅଧିକ ଜ୍ୟୋତିର୍ମୟ ଥିଲା। କାଳ୍ପନିକ ରୂପର ମୃଗତୃଷ୍ଣା ଶେଷ ହୋଇଥିଲା ଏବଂ ଜନ୍ମ ନେଇଥିଲା ଏକ ନୂଆ, ବାସ୍ତବ ଓ ପବିତ୍ର ପ୍ରେମ କାହାଣୀ।

କିଛି ଦିନ ପରେ ବିଭାସୁ ପୁଣି ଥରେ ସ୍ମୃତିମୟୀକୁ ଭେଟିବାକୁ ଗଲା। ଏଥର ତା' ମନରେ କୌଣସି ଅଯଥା ଅପେକ୍ଷା ବା କାଳ୍ପନିକ ରୂପର ଚାପ ନଥିଲା। ବରଂ ଏକ ନିରବ ଶାନ୍ତି ଓ ଗ୍ରହଣଶୀଳତାର ଭାବ ଖେଳିଯାଉଥିଲା। ସେ ସେଇ ପୁରୁଣା ବଜାର ପାଖରେ, ସେଇ ତେଲଟାଙ୍କି ପାଖରେ ପହଞ୍ଚିଲା। ଏଥର ସେ ଦେଖିଲା ଯେ ସେହି ସାଧାରଣ ଚେହେରାଟି ମଧ୍ୟ ଅପୂର୍ବ ସୌନ୍ଦର୍ଯ୍ୟରେ ଉଦ୍‌ଭାସିତ ହୋଇଉଠିଛି। ସ୍ମୃତିମୟୀର ଆଖିରୁ ଲୁହ ଧାରେ ଖସିପଡ଼ିଲା, କିନ୍ତୁ ସେହି ଲୁହରେ ଅସୁରକ୍ଷା ନୁହେଁ, ବରଂ ନିଶ୍ଚିତ ହେବାର ଆନନ୍ଦ ଥିଲା।

ବିଭାସୁ ତା'ର ହାତ ଦୁଇଟିକୁ ନିଜ ହାତ ଭିତରେ ନେଇ କହିଲା, 'ମୁଁ ଜାଣେନି ଆଗକୁ କ'ଣ ହେବ, କିନ୍ତୁ ଏତିକି ଜାଣେ ଯେ ଏହି ମନ, ଏହି କଣ୍ଠସ୍ୱର ଓ ଏହି ପବିତ୍ର ଆତ୍ମା ହିଁ ମୋର ପ୍ରକୃତ ସମ୍ପତ୍ତି।' ସ୍ମୃତିମୟୀର ମୁହଁରେ ଏକ ସୁନ୍ଦର, ଆତ୍ମବିଶ୍ୱାସର ହସ ଖେଳିଗଲା। ସେ ବୁଝିପାରିଲା ଯେ ପ୍ରେମ ସେତିକିବେଳେ ପ୍ରକୃତ ହୁଏ ଯେତେବେଳେ ତାହା ଚେହେରାର ମାଧ୍ୟମ ଦେଇ ମନକୁ ଛୁଇଁପାରେ। ସୌନ୍ଦର୍ଯ୍ୟ ସାମୟିକ ହୋଇପାରେ, କିନ୍ତୁ ଏହି ପ୍ରକାରର ନିରବ ବୁଝାମଣା ଚିରନ୍ତନ।

ସେଦିନ ରାତିରେ ଯେତେବେଳେ ବିଭାସୁ ଘରକୁ ଫେରିଲା, ତା'ର ପୁରୁଣା ଡାଏରୀର ଶୁଖିଲା ଗୋଲାପଟି ତାକୁ ଆଉ ଖାଲି ସ୍ମୃତି ବୋଲି ମନେ ହେଲାନି। ବରଂ ତାହା ଏକ ଶିକ୍ଷାର ପ୍ରତୀକ ଭାବରେ ରହିଗଲା—ପ୍ରକୃତ ପ୍ରେମ ଚମକରେ ନଥାଏ, ବରଂ ଦୁଇଟି ଆତ୍ମାର ନିର୍ମଳ ସହମତିରେ ଥାଏ। ପ୍ରେମ କେବଳ ଦେଖିବାରେ ନଥାଏ, ତାହା ଥାଏ ଅନୁଭବରେ, ସମ୍ମାନରେ ଓ ପରସ୍ପରକୁ ଯେମିତି ସେମିତି ଗ୍ରହଣ କରିବାର ଶକ୍ତିରେ।

*ଦୀପ୍ତି ଖଣ୍ଡୁଆଳ*
*ଏରସମା, ଜଗତସିଂହପୁର*

## ଅଭୁଲା ଅତୀତ

ଜୀବନର ଚଲାପଥେ
ଆଜି ବୟସର ଅପରାହ୍ନେ
ବିତି ଯାଇଥିବା ମୁହୂର୍ତ୍ତକୁ
ସବୁ ପକାଏ ମୁଁ ମନେ।
କେତେ ମୁଁ ପାଇଛି ଆଉ
କେତେ ହରାଇଛି କରୁଛି ହିସାବ
ଗତାୟୁ ଅତୀତକୁ
କିଏ ଅବା ଫେରି ପାଇବ !
ଅତୀତ ହେଉଛି ଏକ ଶବ୍ଦର ସମ୍ଭାର
ସମସ୍ତଙ୍କ ଜୀବନରେ ପାଲଟେ ସେ
ଗଳ୍ପ
ମନେ ପଡିଥାଏ ଯେବେ ହୁଏ
ବାଟବଣା
ନଥାଏ ଯାହାର କିଛି ସୀମା
ସରହଦ।
ଝଡ଼ଝଞ୍ଜା ଜୀବନରେ ଏହି ପୁରୁଣା
ଅତୀତ
ଦେଇଥାଏ ଅନେକ ସୁଖ ଓ ବେଦନା
କିନ୍ତୁ ମନେ ପଡିଗଲେ ସେ
ମୁହଁରେ ଫୁଟାଇ ଦିଏ ହସ ଓ
ଯନ୍ତ୍ରଣା।
ମନେପଡ଼େ ଆଜି ମୋର ସେ
ପୁରୁଣା ଅତୀତ
ଯାହା ଆଜି ପାଲଟିଛି ସ୍ମୃତି ଚିତ୍ରପଟ
ଅତୀତ ଦେଇଛି କେତେ ମତେ
ଶିକ୍ଷା
ସାଉଁଟି ସେସବୁ ଭବିଷ୍ୟତେ କରିଛି
ଅପେକ୍ଷା।
ସୁଖ ଦୁଃଖ ଯାହା ହେଉ ଅତୀତ
ଅଭୁଲା

**ଲଭଲି ପୁରବୀ**
ଗୋପବନ୍ଧୁ ନଗର, ବାଲୁଗାଁ

## ଉତ୍କଳ ଦିବସ

ଉଣେଇଶ ଶହ ଛତିଶ ମସିହା
ଏପ୍ରିଲ ପହିଲା ଦିନ
ଉତ୍କଳ ପ୍ରଦେଶ ଗଠନ ହୋଇଲା
ଖୁସିହେଲା ସବୁ ମନ।
ସେବେଠାରୁ ପରା ପାଳିତ ହେଉଛି
ଉତ୍କଳ ଦିବସ ଭାବେ
ଆମେ ତ ଓଡ଼ିଆ ନାହିଁ ଭେଦଭାବ
ପ୍ରତିକ୍ଷଣ ଅନୁଭବେ।
ଉତ୍କଳ ମାଟିର କେତେ ବୀର ପୁତ୍ର
ଦେଖାଇଲେ ନୂଆ ଦିଶା
ସଗର୍ବେ ଆମେ ଓଡ଼ିଆ କହୁଛେ
ଆଗକୁ ଯାଉଛି ଭାଷା
ଓଡ଼ିଆ ଭାଷାରେ ମଧୁରତା ଅଛି
କହିବା ଲେଖିବା ପାଇଁ
ଅନ୍ୟ ଭାଷାଭାଷୀ ଓଡ଼ିଶାକୁ ଆସି
ସହଜେ ଯାଆନ୍ତି କହି।
ସେଥିପାଇଁ ଆମେ ପଢ଼ିବା ଓଡ଼ିଆ
ଲେଖିବା ଓଡ଼ିଆ ଭାଷା
ଉତ୍କଳ ଦିବସ ଓଡ଼ିଆ ପ୍ରାଣରେ
ଭରିଦେବ କେତେ ଆଶା ।
ଯେତେ ଭାଷା ଶିଖ ମନା ନାହିଁ ଜମା
ଭାବ ବିନିମୟ ହେବ
ଆମ ମାତୃଭାଷା ସବୁଠୁ ବଢ଼ିଆ
ଡଗ ଡଗ କହିଯିବ ।
ଉତ୍କଳ ଦିବସ ଦେଉଛି ଆହ୍ୱାନ
ଓଡ଼ିଆ ଭୁଲିବା ନାହିଁ
ସିଏ ପରା ଆମ ମାଆଟିଏ ପରି
ତା' କୋଳେ ସୁନ୍ଦର ଛାଇ।

**ସୁଧୀର କୁମାର ଦାସ**
ତରାବୋଇ, ଜଟଣୀ, ଖୋର୍ଦ୍ଧା



## ଛାଇର ବିଶ୍ୱାସଘାତକତା

ସୁମିତ୍ରା ଓ ରବିନଙ୍କ ସଂସାର ଥିଲା ଏକ ସୁନ୍ଦର ସ୍ୱପ୍ନ ପରି। ଦଶ ବର୍ଷର ବିବାହିତ ଜୀବନରେ ସେମାନେ କେବେ ପରସ୍ପରଠାରୁ ଦୂରେଇ ରହିବା କଥା ଚିନ୍ତା କରିନଥିଲେ। ସୁମିତ୍ରା ଥିଲା ଜଣେ ସରଳ, ଗୃହିଣୀ, ଯାହାଙ୍କ ଦୁନିଆ କେବଳ ତାଙ୍କ ସ୍ୱାମୀ ଓ ଘର ଚାରିପାଖରେ ହିଁ ଘୁରୁଥିଲା। ରବିନ ଥିଲେ ଜଣେ ସଫଳ ବ୍ୟବସାୟୀ, ଯିଏ ସୁମିତ୍ରାଙ୍କୁ ବହୁତ ଭଲ ପାଉଥିଲେ ଏବଂ ତାଙ୍କର ସବୁ ଇଚ୍ଛା ପୂରଣ କରୁଥିଲେ।

ଦିନେ ରବିନଙ୍କୁ ଏକ ଜରୁରୀ ବ୍ୟବସାୟିକ କାମରେ କିଛି ଦିନ ପାଇଁ ସହର ବାହାରକୁ ଯିବାକୁ ପଡ଼ିଲା। ସୁମିତ୍ରା ଅନିଚ୍ଛା ସତ୍ତ୍ୱେ ତାଙ୍କୁ ବିଦାୟ ଦେଲେ। ଘରଟା ଖାଲି ଖାଲି ଲାଗୁଥିଲା। ସମୟ କାଟିବା ପାଇଁ ସୁମିତ୍ରା ତାଙ୍କର ଏକ ପୁରୁଣା ସାଙ୍ଗକୁ ଫୋନ୍ କଲେ। କଥାବାର୍ତ୍ତା ଭିତରେ, ସାଙ୍ଗଟି ତାଙ୍କୁ ଏକ ଆଚମ୍ବିତ ଖବର ଦେଲା। ସେ କହିଲା ଯେ ସେ ରବିନଙ୍କୁ ଏକ ଅଜଣା ମହିଳାଙ୍କ ସହ ଏକ ରେଷ୍ଟୋରାଁରେ ଦେଖିଥିଲା। ସୁମିତ୍ରାଙ୍କ ପାଦତଳୁ ମାଟି ଖସିଗଲା। ସେ ଏକଥା ବିଶ୍ୱାସ କରିପାରିଲେ ନାହିଁ। ତାଙ୍କ ମନରେ ସନ୍ଦେହର ବୀଜ ରୋପିତ ହୋଇଗଲା। ସେ ରବିନଙ୍କୁ ଫୋନ୍ କଲେ, କିନ୍ତୁ ରବିନଙ୍କ ଉତ୍ତର ସାଧାରଣ ଥିଲା। ସେ ବଜାରରେ କାମରେ ବ୍ୟସ୍ତ ଥିବା କଥା କହିଲେ। ସୁମିତ୍ରାଙ୍କ ସନ୍ଦେହ ଆହୁରି ବଢ଼ିଲା।

ରବିନ ଘରକୁ ଫେରିବା ପରେ, ସୁମିତ୍ରା ତାଙ୍କୁ ସିଧାସଳଖ ପଚାରିଲେ। ରବିନ ପ୍ରଥମେ ଅସ୍ୱୀକାର କଲେ, କିନ୍ତୁ ସୁମିତ୍ରାଙ୍କ ଜେରା ଆଗରେ ସେ ନତମସ୍ତକ ହେଲେ। ସେ ସ୍ୱୀକାର କଲେ ଯେ ସେ ଏକ ମହିଳାଙ୍କ ସହ ସମ୍ପର୍କରେ ଥିଲେ। ସେ କହିଲେ ଯେ ତାହା କେବଳ ଏକ ସାମୟିକ ଭୁଲ୍ ଥିଲା ଏବଂ ସେ ସୁମିତ୍ରାଙ୍କୁ ହିଁ ପ୍ରକୃତରେ ଭଲ ପାଆନ୍ତି।

ସୁମିତ୍ରାଙ୍କ ହୃଦୟ ଭାଙ୍ଗିଗଲା। ସେ ଯାହାଙ୍କୁ ନିଜର ଛାଇ ପରି ବିଶ୍ୱାସ କରୁଥିଲେ, ସେ ହିଁ ତାଙ୍କୁ ପ୍ରତାରିତ କରିଥିଲେ। ତାଙ୍କ ବିଶ୍ୱାସର ସଂସାର ଧୂଳିସାତ୍ ହୋଇଗଲା। ସେ ରବିନଙ୍କୁ କ୍ଷମା କରିପାରିଲେ ନାହିଁ। ସେ ବୁଝିପାରିଲେ ଯେ ଯେଉଁ ସମ୍ପର୍କରେ ବିଶ୍ୱାସ ନାହିଁ, ତାହା କେବେବି ସୁଖୀ ହୋଇପାରିବ ନାହିଁ। ସୁମିତ୍ରା ନିଷ୍ପତ୍ତି ନେଲେ ଯେ ସେ ରବିନଙ୍କୁ ଛାଡ଼ିଦେବେ। ସେ ନିଜର ସ୍ୱାଭିମାନ ଓ ଆତ୍ମସମ୍ମାନକୁ ବଞ୍ଚାଇବା ପାଇଁ ଏହି କଠୋର ପଦକ୍ଷେପ ନେଲେ। ସେ ବୁଝିପାରିଲେ ଯେ ପ୍ରତାରଣାର କ୍ଷତ କେବେବି ସମ୍ପୂର୍ଣ୍ଣ ଭରଣା ହୋଇପାରିବ ନାହିଁ।

*ସୋମନାଥ ପଣ୍ଡା*
*ନିରାକାରପୁର, ଖୋର୍ଦ୍ଧା*

# ଫ୍ୟାଶନରେ ଡେନିମ୍ ଶର୍ଟ୍ସ







**ଖରାଦିନେ ସର୍ଟ୍ସ ପିନ୍ଧିବାକୁ ଅନେକେ ପସନ୍ଦ କରିଥାନ୍ତି। ଖାସ୍ କରି ଡେନିମ୍ ସର୍ଟ୍ସ କାରଣ ଏହାକୁ ପିନ୍ଧିଲେ ଯେମିତି କମ୍ଫର୍ଟେବଲ୍ ଲାଗେ ସେମିତି ସ୍ମାର୍ଟ ଲୁକ୍ ବି ମିଳେ। ସେହିପରି ଏହା ସହିତ ଯେକୌଣସି ଟପ୍‌କୁ ପେୟାର୍ କରି ମଧ୍ୟ ପିନ୍ଧି ହୁଏ। ତେବେ କେଉଁ ଟପ୍‌କୁ କେମିତି ପିନ୍ଧିଲେ ଡେନିମ୍ ସର୍ଟ୍ସ ସହ ତାହା ପରଫେକ୍ଟ ମ୍ୟାଚ୍ କରିବ, ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

**ପେପ୍ଲମ୍ ଟପ୍ ଓ ଡେନିମ୍ ସର୍ଟ୍ସ:** କଳା ରଙ୍ଗର ଷ୍ଟ୍ରିପ୍‌ଲେସ୍ ପେପ୍ଲମ୍ ଟପ୍ ସହ ଲାଇଟ୍ ବ୍ଲୁ କଲରର ଡେନିମ୍ ସର୍ଟ୍ସ ଖୁବ୍ ସୁନ୍ଦର ଦେଖାଯାଇଥାଏ। ଏହା ସହିତ ମ୍ୟାଚିଂ ଫୁଟୱେର୍ ପିନ୍ଧିଲେ ଆହୁରି ଭଲ ମାନିଥାଏ। ଖରାଦିନେ କଳା ରଙ୍ଗର ଚଷମା ସହ ଏହି ଗେଟ୍‌ଅପ୍ ଯୁବତୀଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ।

**ଫ୍ଲୋରାଲ୍ ଟପ୍ ଓ ଡେନିମ୍ ସର୍ଟ୍ସ:** ଖରାଦିନେ ଫ୍ଲୋରାଲ୍ ପ୍ରିଣ୍ଟ ଆଖିକୁ କୁଲ୍ ଲୁକ୍ ଦେଇଥାଏ। ଯୁବତୀମାନେ ଚାହିଁଲେ ଡେନିମ୍ ସର୍ଟ୍ସ ସହ ଫ୍ଲୋରାଲ୍ ପ୍ରିଣ୍ଟ ଥିବା ଟପ୍‌କୁ ମଧ୍ୟ ପେୟାର୍ କରିପାରିବେ। ଉଭୟ ସ୍ଲିଭ୍ ?ଲେସ୍ ହେଉ ଅବା ଫୁଲ୍ ସ୍ଲିଭ୍ ବାଲା ଫ୍ଲୋରାଲ୍ ଟପ୍ ଡେନିମ୍ ସର୍ଟ୍ସ ସହ ଭଲ ମାନିଥାଏ।

**ବ୍ଲେଜର୍ ଓ ଡେନିମ୍ ସର୍ଟ୍ସ:** ବ୍ଲେଜର୍ ପିନ୍ଧିଲେ ସୋବର୍ ଲୁକ୍ ମିଳେ। ଆଉ ଡେନିମ୍ ସର୍ଟ୍ସ ସହ ଏହାକୁ ପେୟାର୍ କଲେ ଲୁକ୍ ଟିକେ ଡିଫରେଣ୍ଟ ଲାଗେ। ତେବେ ବ୍ଲେଜର୍ ପିନ୍ଧିଲାବେଳେ ଆପଣ ଚାହିଁଲେ ପ୍ରଥମେ କୌଣସି ମ୍ୟାଚିଂ ଶାର୍ଟ କିମ୍ବା ଟି-ଶାର୍ଟ ପିନ୍ଧି, ତା'ଉପରେ ବ୍ଲେଜର୍ ପିନ୍ଧିପାରିବେ। ଏହା ସହିତ ପାଦରେ ହିଲ୍ କିମ୍ବା ସୁ ବି ଟ୍ରାଏ କରିପାରିବେ। ସେହିପରି ହାତରେ ପତଳା ବ୍ରେସଲେଟ୍ ପିନ୍ଧିବା ସହ ଛୋଟ କ୍ଲଚ୍ ଧରିଲେ ଷ୍ଟାଇଲିଶ୍ ଲାଗେ।

**ସ୍ରଗ୍ ଓ ଡେନିମ୍ ସର୍ଟ୍ସ:** କମ୍ଫର୍ଟେବଲ୍ ଲୁକ୍ ଦିଏ ସ୍ରଗ୍। ଆଉ ସର୍ଟ୍ସ ସହ ସ୍ରଗ୍‌କୁ ପେୟାର୍ କଲେ କ୍ଲାସି ଲୁକ୍ ମିଳେ। ତେବେ ସ୍ରଗ୍ ଚୟନ କଲାବେଳେ ସବୁବେଳେ ଦେଖିବେ ଏହାର ଫ୍ୟାବ୍ରିକ୍ ଯେତେ ହାଲୁକା ହୋଇଥିବ; ନ ହେଲେ ଖରାଦିନେ ପିନ୍ଧି ହେବ ନାହିଁ। ସେହିପରି ଫ୍ଲୋରାଲ୍ ପ୍ରିଣ୍ଟବାଲା ସ୍ରଗ୍ ହେଉ ଅବା ଲାଇଟ୍ କଲରର ସ୍ରଗ୍ ବି ସର୍ଟ୍ସ ସହ ଭଲ ମାନିଥାଏ।

**ଢିଲା ଶାର୍ଟ ଓ ଡେନିମ୍ ସର୍ଟ୍ସ:** ଡେନିମ୍ ସର୍ଟ୍ସ ସହ ଶାର୍ଟର କମ୍ବିନେସନ୍ ବି ପରଫେକ୍ଟ ମ୍ୟାଚ୍ କରିଥାଏ। ଆଉ ଖରାଦିନେ ଆପଣ ଚାହିଁଲେ ସର୍ଟ୍ସ ସହ ଢିଲା ଶାର୍ଟକୁ ମଧ୍ୟ ପେୟାର୍ କରିପାରିବେ। ଏହିଦିନେ ଷ୍ଟ୍ରାଇପ୍ ଶାର୍ଟର ଡିମାଣ୍ଡ ଯୁବତୀଙ୍କ ଭିତରେ ବହୁତ ରହିଥାଏ। ତାକୁ ମ୍ୟାଚ୍ କରି ଆପଣ ପାଦରେ ଚାହିଁଲେ ସ୍ନିକର୍ସ ମଧ୍ୟ ଟ୍ରାଏ କରିପାରିବେ।

**ଢିଲା ହାଫ୍ ସ୍ଲିଭ୍ ଟି-ଶାର୍ଟ ଓ ଡେନିମ୍ ସର୍ଟ୍ସ:** ଖରାଦିନେ ଟି-ଶାର୍ଟ ପିନ୍ଧିବା ଅନେକଙ୍କ ପସନ୍ଦ। ଖାସ୍ କରି ଟିକେ ଢିଲା ଟି-ଶାର୍ଟ ପିନ୍ଧିଲେ କମ୍ଫର୍ଟେବଲ୍ ଲାଗେ। ଆଉ ଡେନିମ୍ ସର୍ଟ୍ସ ସହ ଏହାକୁ ପେୟାର୍ କରି ପିନ୍ଧିଲେ ସ୍ମାର୍ଟ ଲୁକ୍ ମିଳେ। ଖାସ୍ କରି ହାଫ୍ ସ୍ଲିଭ୍ ବାଲା ଢିଲା ଟି-ଶାର୍ଟ ଡେନିମ୍ ସର୍ଟ୍ସ ସହ ଭଲ ମାନିଥାଏ।

# ଦିନ ବାର କହେ ନାରୀର ସ୍ୱଭାବ



ମଣିଷ ଭବିଷ୍ୟତ ଓ ଚରିତ୍ର ଜାଣିବାକୁ, ବୁଝିବାକୁ ବିଭିନ୍ନ ଉପାୟ ଅବଲମ୍ବନ କରିଥାଏ। କେହି ହସ୍ତ ରେଖା ପଢ଼ି ତ ଆଉ କେହି ଆଖି ଓ କପାଳ ଦେଖି ଏସବୁ ଜାଣିହୁଏ ବୋଲି ବିଶ୍ୱାସ କରିଆସିଛି। କିଛି ମତ ଅନୁସାରେ ଜନ୍ମ ବାରରେ ମଧ୍ୟ ଜଣେ ନାରୀର ସ୍ୱଭାବ ବିଷୟରେ ଜାଣିହେବ।

**ରବିବାର :** ଯଦି ଆପଣ ରବିବାର ଦିନ ଜନ୍ମ ହୋଇଛନ୍ତି ତେବେ ଆପଣ ଭଗବାନଙ୍କ ଉପରେ ଯଥେଷ୍ଟ ବିଶ୍ୱାସ ରଖିଥାନ୍ତି। ରବିବାରରେ ଜନ୍ମ ହୋଇଥିବା ନାରୀମାନେ ଦାନ ପୁଣ୍ୟ କରିଥାନ୍ତି। ଏମାନେ ଶକ୍ତିଶାଳୀ ଓ ଶାନ୍ତିପୂର୍ଣ୍ଣ ମନୋଭାବର ହୋଇଥାନ୍ତି। ଏହି ନାରୀମାନେ ଚତୁର ମଧ୍ୟ ହୋଇଥାନ୍ତି।

**ସୋମବାର :** ଏହି ବାରରେ ଜନ୍ମ ହୋଇଥିବା ଝିଅମାନେ ଦେଖିବା ପାଇଁ ଖୁବ ସୁନ୍ଦର। ଏହି ନାରୀମାନଙ୍କର ମନ ନିର୍ମଳ। ସେମାନେ ଅନ୍ୟମାନଙ୍କୁ ମିଠା କଥାରେ ମନ କିଣିଥାନ୍ତି। ଏମାନଙ୍କ ଜୀବନ ସୁଖମୟ, ଶାନ୍ତିପୂର୍ଣ୍ଣ ହୋଇଥାଏ।

**ମଙ୍ଗଳବାର :** ମଙ୍ଗଳବାରରେ ଜନ୍ମ ହୋଇଥିବା ନାରୀମାନଙ୍କ ସ୍ୱଭାବ ସାଧାରଣତଃ ଶକ୍ତ ହୋଇଥାଏ। ଏମାନେ କାହା ଉପରେ ଶୀଘ୍ର ବିଶ୍ୱାସ କରନ୍ତି ନାହିଁ। ଭୁଲକରିଥିବା ଲୋକଙ୍କୁ ପସନ୍ଦ କରନ୍ତି ନାହିଁ। ମିଛ କହୁଥିବା ଲୋକଙ୍କୁ ମଧ୍ୟ ପସନ୍ଦ କରିନଥାନ୍ତି। ଏମାନେ ଦେଖିବାକୁ ପତଳା ହେଲେ ମଧ୍ୟ ଶକ୍ତିଶାଳୀ ହୋଇଥାନ୍ତି। ଏହି ନାରୀମାନେ ସର୍ବଦା ଠିକ୍ କଥା କହିଥାନ୍ତି।

**ବୁଧବାର :** ଏହି ବାରରେ ଜନ୍ମ ହୋଇଥିବା ନାରୀମାନେ ଶିକ୍ଷା କ୍ଷେତ୍ରରେ ବହୁ ସବଳ ହୋଇଥାନ୍ତି। କାରଣ ଏମାନଙ୍କ ଉପରେ ମା' ସରସ୍ୱତୀଙ୍କ ଆଶୀର୍ବାଦ ସବୁବେଳେ ରହିଥାଏ। ଏମାନେ ଦେଖିବା ପାଇଁ ସୁନ୍ଦରୀ ହେବା ସହ ଏମାନଙ୍କର ହୃଦୟ ଅତି କୋମଳ ଅଟେ। କେବଳ ଶିକ୍ଷା ନୁହେଁ, ଏମାନେ ଅନେକ କଳାର ଅଧିକାରିଣୀ ହୋଇଥାନ୍ତି। ସବୁକ୍ଷେତ୍ରରେ ନିଜର ଦକ୍ଷତା ଦେଖାଇଥାନ୍ତି।

**ଗୁରୁବାର :** ଏହି ବାରରେ ଜନ୍ମ ହୋଇଥିବା ନାରୀମାନଙ୍କୁ ସର୍ବଗୁଣସମ୍ପନ୍ନା କୁହାଯାଏ। ଏହି ନାରୀମାନେ ଶିକ୍ଷା କ୍ଷେତ୍ରରେ ଉନ୍ନତି କରିବା ସହ ସବୁ କାର୍ଯ୍ୟରେ ମଧ୍ୟ ବେଶ୍ ପାରଙ୍ଗମ। ଏହି ବାର ଜନ୍ମିତ ନାରୀଙ୍କ ଉପରେ ମା'ଲକ୍ଷ୍ମୀଙ୍କ ଆଶୀର୍ବାଦ ରହିଥାଏ। ତେଣୁ ଏମାନେ ଧନ ସମ୍ପତ୍ତି ସୁଖ ଭୋଗ କରିଥାନ୍ତି।

**ଶୁକ୍ରବାର :** ଶୁକ୍ରବାରରେ ଜନ୍ମ ହୋଇଥିବା ନାରୀମାନଙ୍କ ସ୍ୱଭାବରେ ଚଞ୍ଚଳ ହୋଇଥାନ୍ତି। ଏମାନେ ମଉଜମସ୍ତି କରିବା ପାଇଁ ଭଲପାଆନ୍ତି ଅର୍ଥାତ ଏମାନେ ବିଳାସମୟ ଜୀବନ ଯାପନ କରିବା ଲାଗି ଭଲପାଆନ୍ତି। ଏମାନେ ଘର ପରିବାର ସହ ଅଲଗା ପରିଚୟ ତିଆରି କରିଥାନ୍ତି। ଏମାନଙ୍କ ଭାବନା ଓ ଚିନ୍ତାଧାରା ଖୁବ୍ ସୁନ୍ଦର।

**ଶନିବାର :** ଶୁକ୍ରବାରରେ ଜନ୍ମ ହୋଇଥିବା ନାରୀମାନଙ୍କ ଉପରେ ଭଗବାନ ଶନିଙ୍କ କୃପା ଥାଏ। ଏମାନେ ସ୍ୱଭାବରେ ରାଗି ହୋଇଥିଲେ ବି ନିଜସ୍ୱ ପରିଚୟ ତିଆରି କରିପାରନ୍ତି। ଏମାନେ ଦେଖିବାକୁ ଡେଙ୍ଗା ଓ ପତଳା ହୋଇଥାନ୍ତି। ଏହି ବ୍ୟକ୍ତିମାନେ ସ୍ୱାଭିମାନୀ ଓ ଆତ୍ମନିର୍ଭରଶୀଳ ହୋଇଥାନ୍ତି। ନିଜ କାମକୁ ନିଜେ ପସନ୍ଦ କରିବାକୁ ବହୁତ ଭଲ ପାଆନ୍ତି। କାହା ଉପରେ ନିର୍ଭର କରିବାକୁ ପସନ୍ଦ କରନ୍ତି ନାହିଁ।

# କେଶରେ କଦଳୀ...

ପ୍ରାୟ ସମସ୍ତେ କଦଳୀ ଖାଇବାକୁ ଭଲ ପାଆନ୍ତି। ଏହାର ସ୍ୱାଦ ଯେମିତି ଗୁଣ ମଧ୍ୟ ସେମିତି। ଏଥିରେ ଅନେକ ଔଷଧୀୟ ଗୁଣ ରହିଛି। କଦଳୀରେ ଥିବା ତତ୍ତ୍ୱ ଶରୀରକୁ ପୋଷଣ ଶକ୍ତି ଯୋଗାଇଥାଏ। କିନ୍ତୁ ଆପଣ ଜାଣନ୍ତି କି କଦଳୀକୁ କେଶରେ ସୌନ୍ଦର୍ଯ୍ୟ ପାଇଁ ମଧ୍ୟ ବ୍ୟବହାର କରିପାରିବେ। କେଶ ପାଇଁ କଦଳୀ ଅତ୍ୟନ୍ତ ଲାଭଦାୟକ। ଆସନ୍ତୁ ଜାଣିବା କେଶରେ କଦଳୀ ଲଗାଇବା ଦ୍ୱାରା କ'ଣ ଉପକାର ହୁଏ।

ପ୍ରଦୂଷଣ ଯୋଗୁ ବାଳ ରୁକ୍ଷ ହୋଇଥାଏ। ଯାହା ଫଳରେ ଚୁଟି ଦୁର୍ବଳ ହୋଇ ଝଡ଼ିବାକୁ ଲାଗେ। କଦଳୀରେ ଫୋଲିକ ଏସିଡ୍ ତତ୍ତ୍ୱ ରହିଥାଏ। ଫୋଲିକ ଏସିଡ୍ କେଶରେ ଚମକ ବଢ଼ାଇଥାଏ। ଏଥିପାଇଁ କଦଳୀ, ଅଳ୍ପ ଅଲିଭ୍ ଅଏଲ ଓ ଅଣ୍ଡାର କେଶରକୁ ମିଶାଇ ଚୁଟିରେ ଲଗାନ୍ତୁ ଦେଖିବେ ଚୁଟି କେମିତି ଚମକିବ।

କଦଳୀକୁ ମହୁ ସହ ମିଶାଇ ଚୁଟିରେ ଲଗାନ୍ତୁ। ଏହା ଦ୍ୱାରା କେଶ କୋମଳ ହେବା ସହ ପୋଷଣ ମଧ୍ୟ ମିଳିବ।

କଦଳୀରେ ଭିଟାମିନ୍ ଓ ମିନେରାଲସ୍ ରହିଛି। ତେଣୁ ଏହାକୁ ବାଳରେ ଲଗାଇଲେ ରୂପି ସମସ୍ୟା ଦୂର ହେବ।

କଦଳୀକୁ ଦହି ସହ ମିଶାଇ ଲଗାଇଲେ ବାଳ ଲମ୍ବା ଓ ଘନ ହେବା ସହ ମଜଭୁତ ହୋଇଥାଏ।

ଯଦି ଆପଣଙ୍କ ଚୁଟି ସବୁବେଳେ ଜଟ ହେଉଛି ତେବେ ଦୁଇଟି କଦଳୀରେ ଅଳ୍ପ ମୁଲତାନି ମାଟି ଓ ଲେମ୍ବୁ ରସ ମିଶାଇ ଚୁଟିରେ ଲଗାନ୍ତୁ। ଏହା ଦ୍ୱାରା ଆପଣଙ୍କ ବାଳ ସିଲ୍କ୍ ହେବ।

# ଜାପାନୀଙ୍କ ଦୀର୍ଘାୟୁ ହେବାର ରହସ୍ୟ

**କିଛି ଗବେଷଣାରୁ ଜଣାପଡ଼ିଛି ଯେ, ଜାପାନର ଲୋକେ ଦୀର୍ଘ ବର୍ଷ ବଞ୍ଚନ୍ତି। ସେମାନଙ୍କ ଦୀର୍ଘାୟୁ ହେବା ପଛର କାରଣ କ'ଣ ଜାଣନ୍ତୁ ସେ ସମ୍ପର୍କରେ...**



ଜାପାନର ଲୋକଙ୍କୁ ଦେଖି ସେମାନଙ୍କ ବୟସ ଅନୁମାନ କରିବା ସହଜ ନୁହେଁ। କାରଣ ଏଠାକାର ଅନେକ ବୟସ୍କ ବ୍ୟକ୍ତି ବହୁତ ଯୁବକ ଓ ସୁସ୍ଥ (ଫିଟ୍) ଦେଖାଯାଆନ୍ତି। ଏହା ପଛର ପ୍ରଧାନ କାରଣ ହେଉଛି ସେମାନଙ୍କ ଜୀବନଶୈଳୀ ଓ ସ୍ୱାସ୍ଥ୍ୟ ରହସ୍ୟ। କିଛି ଗବେଷଣା ଅନୁସାରେ, ଜାପାନର ପ୍ରାୟ ୫୦,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ବୟସ ୧୦୦ ବର୍ଷରୁ ଅଧିକ। ସାଧାରଣତଃ ଭାରତ ଓ ଅନ୍ୟ ଦେଶରେ ଲୋକଙ୍କ ହାରାହାରି ବୟସ ୭୦-୮୦ ବର୍ଷ ହୋଇଥାଏ, କିନ୍ତୁ ଜାପାନୀମାନେ ବହୁ ବର୍ଷ ପର୍ଯ୍ୟନ୍ତ ଜୀବିତ ରହନ୍ତି। ଏହାର କାରଣଗୁଡ଼ିକ ହେଲା:-

ଖାଦ୍ୟପେୟ ଉପରେ ଗୁରୁତ୍ୱ: ପାରମ୍ପରିକ ଜାପାନୀ ଖାଦ୍ୟରେ ତାଜା ଫଳ, ପନିପରିବା, ପ୍ରୋଟିନ୍ ଓ ଶସ୍ୟ ଆଦିର ସନ୍ତୁଳନ ଥାଏ। ସେମାନେ ପ୍ରକ୍ରିୟାକୃତ ଖାଦ୍ୟ, ଅଧିକ ଚିନି ଓ ଚର୍ବିଯୁକ୍ତ ଖାଦ୍ୟ ବହୁତ କମ୍ ଖାଆନ୍ତି। ପୋଷକ ତତ୍ତ୍ୱରେ ଭରପୂର ଖାଦ୍ୟକୁ ସେମାନେ ପ୍ରାଧାନ୍ୟ ଦିଅନ୍ତି।

ସାମୁଦ୍ରିକ ଖାଦ୍ୟର ବ୍ୟବହାର: ଜାପାନୀମାନେ ନିଜ ଖାଦ୍ୟରେ ସାମୁଦ୍ରିକ ଖାଦ୍ୟକୁ ସାମିଲ କରନ୍ତି। ଏଥିରେ ଓମେଗା-୩ ଫ୍ୟାଟି ଏସିଡ୍ ସହ ଅନ୍ୟାନ୍ୟ ଅନେକ ପୋଷକ ତତ୍ତ୍ୱ ଥାଏ, ଯାହା ଶରୀରକୁ ପ୍ରଚୁର ଶକ୍ତି ପ୍ରଦାନ କରିଥାଏ। ତେଣୁ ସାମୁଦ୍ରିକ ଖାଦ୍ୟ ଖାଇଲେ ଲୋକେ ଦୀର୍ଘ ସମୟ ପର୍ଯ୍ୟନ୍ତ ସତେଜ ରହନ୍ତି।

ଗ୍ରୀନ୍ ଟି'ର ପ୍ରଭାବ: ଜାପାନୀମାନେ ଚା' ପିଇବାକୁ ବହୁତ ଭଲ ପାଆନ୍ତି। ଏଠାରେ 'ଗ୍ରୀନ୍ ଟି' ଏବଂ 'ମାଚା ଗ୍ରୀନ୍ ଟି'ର ବହୁଳ ବ୍ୟବହାର ହୁଏ। ଏହା ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାର କରିବା ସହ ଓଜନ ନିୟନ୍ତ୍ରଣ ଓ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ସାହାଯ୍ୟ କରେ। ବିଶେଷ କଥା ହେଉଛି, ସେମାନେ ଚା'ରେ କ୍ଷୀର ବା ଚିନି ବ୍ୟବହାର କରନ୍ତି ନାହିଁ।

ଚାଲିବାର ଅଭ୍ୟାସ: ଜାପାନର ଲୋକେ ଗାଡ଼ି ଅପେକ୍ଷା ଚାଲିକି ଯିବା ବା ସାଇକେଲ ଚଲାଇବାକୁ ଅଧିକ ପସନ୍ଦ କରନ୍ତି। ଅଫିସ, ସ୍କୁଲ ବା ଜିମ୍ ଯିବା ପାଇଁ ଶାରୀରିକ ପରିଶ୍ରମ କରୁଥିବାରୁ ସେମାନଙ୍କ ହଜମ ପ୍ରକ୍ରିୟା ଠିକ୍ ରହେ ଏବଂ ଓଜନ ନିୟନ୍ତ୍ରିତ ହୋଇଥାଏ।

ମିଠାଠାରୁ ଦୂରରେ: ଜାପାନୀମାନେ ମିଠା ଖାଦ୍ୟ ପ୍ରତି ଆଦୌ ଆକୃଷ୍ଟ ନୁହନ୍ତି। ଫଳରେ ସେମାନଙ୍କଠାରେ ମେଦବହୁଳତା ବା ହୃଦ୍‌ରୋଗ ଭଳି ସମସ୍ୟା ଦେଖାଯାଏ ନାହିଁ।

ନେଚର ଥେରାପି : ଜାପାନୀମାନେ ପ୍ରକୃତି କୋଳରେ ସମୟ ବିତାଇବାକୁ 'ଫରେଷ୍ଟ ବାଥ୍' କହନ୍ତି। ଜଙ୍ଗଲରେ ବୁଲିବା ଓ ପ୍ରାକୃତିକ ପରିବେଶକୁ ଉପଭୋଗ କରିବା ଦ୍ୱାରା ମାନସିକ ଚାପ ଦୂର ହୁଏ। ସୂର୍ଯ୍ୟୋଦୟ ସମୟରେ ଶୀଘ୍ର ଉଠିବା ସେମାନଙ୍କର ଏକ ସୁସ୍ଥ ପରମ୍ପରା।

ଛୋଟ ପ୍ଲେଟ୍‌ର ବ୍ୟବହାର: ଏଠାରେ ଖାଦ୍ୟ ଖାଇବା ପାଇଁ ଛୋଟ ପ୍ଲେଟ୍ ବ୍ୟବହାର କରାଯାଏ। ଏହାଦ୍ୱାରା ସେମାନେ ଖାଦ୍ୟର ପରିମାଣକୁ ସୀମିତ ରଖିପାରନ୍ତି। 'କମ୍ ଖାଅ ଓ ଲମ୍ବା ସମୟ ବଞ୍ଚ' - ଏହା ହିଁ ସେମାନଙ୍କର ମନ୍ତ୍ର।

ଇକିଗାଇ - ଜୀବନର ଉଦ୍ଦେଶ୍ୟ: ଜାପାନୀମାନଙ୍କ ଦୀର୍ଘାୟୁ ହେବା ପଛରେ କେବଳ ଖାଦ୍ୟ ନୁହେଁ, ବରଂ ସେମାନଙ୍କର ଏକ ଜୀବନ ଦର୍ଶନ 'ଇକିଗାଇ' ମଧ୍ୟ ରହିଛି। 'ଇକିଗାଇ'ର ଅର୍ଥ ହେଉଛି ଜୀବନ ବଞ୍ଚିବାର ଏକ ସାର୍ଥକ କାରଣ ଖୋଜିବା। ସେମାନେ ବିଶ୍ୱାସ କରନ୍ତି ଯେ, ଯେଉଁ ବ୍ୟକ୍ତି ନିଜ ଜୀବନର ଲକ୍ଷ୍ୟ ବା ଉଦ୍ଦେଶ୍ୟ ଜାଣିଥାନ୍ତି, ସେମାନେ ଅଧିକ ଶାନ୍ତିରେ ଏବଂ ବହୁ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି। ଏହି ମାନସିକ ସ୍ଥିରତା ସେମାନଙ୍କୁ ଚାପମୁକ୍ତ ରଖିବାରେ ସାହାଯ୍ୟ କରେ।

ସାମାଜିକ ସଂହତି ଓ 'ମୋଆଇ': ଜାପାନୀ ସମାଜରେ ପରସ୍ପରକୁ ସାହାଯ୍ୟ କରିବାର ଏକ ସୁନ୍ଦର ପରମ୍ପରା ରହିଛି, ଯାହାକୁ 'ମୋଆଇ' କୁହାଯାଏ। ଏଠାରେ ସମାନ ଆଦର୍ଶର ଲୋକମାନେ ଏକାଠି ହୋଇ ସାମାଜିକ ଗୋଷ୍ଠୀ ଗଠନ କରନ୍ତି। ଏହି ଗୋଷ୍ଠୀର ସଦସ୍ୟମାନେ ପରସ୍ପରର ସୁଖ-ଦୁଃଖରେ ସାଥୀ ହୁଅନ୍ତି ଏବଂ ଆବଶ୍ୟକ ସମୟରେ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରନ୍ତି। ଏହାଦ୍ୱାରା ବୟସ୍କ ଲୋକମାନେ ନିଜକୁ ଏକାକୀ ମନେ କରନ୍ତି ନାହିଁ ଏବଂ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ଭଲ ରହିଥାଏ।

କାର୍ଯ୍ୟ କରିବାର ନିଶା: ଜାପାନରେ ଅବସର ନେବା ପରେ ବି ଲୋକେ ଚୁପ୍‌ଚାପ୍ ବସିରହନ୍ତି ନାହିଁ। ସେମାନେ ନିଜକୁ କୌଣସି ନା କୌଣସି କାମରେ ବ୍ୟସ୍ତ ରଖନ୍ତି। ବୟସ୍କମାନେ ବଗିଚା କାମ କରିବା, ହସ୍ତଶିଳ୍ପ ବା ସ୍ଥାନୀୟ ସାମାଜିକ କାର୍ଯ୍ୟରେ ନିୟୋଜିତ ରହିବାକୁ ଭଲ ପାଆନ୍ତି। ଶରୀର ଓ ମନ ସକ୍ରିୟ ରହିଲେ ରୋଗବ୍ୟାଧି ଦୂରେଇ ରହିଥାଏ ବୋଲି ସେମାନେ ବିଶ୍ୱାସ କରନ୍ତି।

ପରିଷ୍କାର ପରିଚ୍ଛନ୍ନତା: ଜାପାନୀମାନେ ପରିଷ୍କାର ପରିଚ୍ଛନ୍ନତାକୁ ଖୁବ୍ ଗୁରୁତ୍ୱ ଦିଅନ୍ତି। ଏହା କେବଳ ଘର ବା ପରିବେଶ ପାଇଁ ନୁହେଁ, ବରଂ ବ୍ୟକ୍ତିଗତ ଜୀବନରେ ମଧ୍ୟ ସେମାନେ ଏହାକୁ ଅନୁସରଣ କରନ୍ତି। ଠିକ୍ ସମୟରେ ହାତ ଧୋଇବା, ସ୍ନାନ କରିବା ଏବଂ ପରିଷ୍କାର ପୋଷାକ ପିନ୍ଧିବା ଦ୍ୱାରା ଅନେକ ସଂକ୍ରାମକ ରୋଗରୁ ସେମାନେ ରକ୍ଷା ପାଇଥାନ୍ତି।

ଜାପାନୀମାନଙ୍କ ଏହି ସୁସ୍ଥ ଜୀବନଶୈଳୀ କେବଳ ସେମାନଙ୍କ ଦେଶ ପାଇଁ ନୁହେଁ, ବରଂ ସାରା ବିଶ୍ୱ ପାଇଁ ଏକ ଶିକ୍ଷା। ପ୍ରକୃତି ସହ ଜଡ଼ିତ ରହିବା, ସନ୍ତୁଳିତ ଆହାର ଗ୍ରହଣ କରିବା ଏବଂ ମାନସିକ ସ୍ତରରେ ଶାନ୍ତ ରହିବା ହିଁ ଦୀର୍ଘଜୀବୀ ହେବାର ପ୍ରକୃତ ସୂତ୍ର। ଯଦି ଆମେ ମଧ୍ୟ ଆମର ଦୈନନ୍ଦିନ ଜୀବନରେ ଏହି ଛୋଟ ଛୋଟ ପରିବର୍ତ୍ତନଗୁଡ଼ିକୁ ଆପଣାଇବା, ତେବେ ଆମେ ମଧ୍ୟ ଏକ ସୁସ୍ଥ ଓ ଦୀର୍ଘ ଜୀବନ ପାଇପାରିବା।

# ଆକାଶରୁ ହେବ ରକ୍ତବର୍ଷା !



ବୈଜ୍ଞାନିକମାନେ ଏକ ବଡ଼ ଚେତାବନୀ ଦେଇଛନ୍ତି। ସେମାନେ କହିଛନ୍ତି, ଆଗାମୀ ଦିନରେ ପରିସ୍ଥିତି ଗମ୍ଭୀର ହେବାକୁ ଯାଉଛି। କୋପର୍ନିକସ ଆଟମୋସ୍ଫିଅର୍ ମନିଟରିଂ ସର୍ଭିସ (ସିଏଏମ୍ଏସ୍)ର ବିଶେଷଜ୍ଞଙ୍କ ଅନୁଯାୟୀ, ବ୍ରିଟେନରେ ରକ୍ତବର୍ଷା ହେବାକୁ ଯାଉଛି।

ବ୍ରିଟେନରେ ଲଗାତର ବର୍ଷା ହେଉଛି, କମିବାର କୌଣସି ସଙ୍କେତ ଦେଖାଯାଉନାହିଁ। ଏହି ବର୍ଷ କିଛି ଅଞ୍ଚଳରେ ପ୍ରତିଦିନ ବର୍ଷା ହେଉଛି। ତେବେ ରକ୍ତ ବର୍ଷାର କାରଣ କ'ଣ ଜାଣନ୍ତୁ ସେ ସମ୍ପର୍କରେ...

ସାହାରା ମରୁଭୂମିରୁ ଲାଲ ଧୂଳିର ଏକ ମେଘ ଯୋଗୁ ଏହି ରକ୍ତ ବର୍ଷା ହେବ। ଏହା ବର୍ତ୍ତମାନ ୟୁରୋପ ଦେଇ ବ୍ରିଟେନ ଆଡ଼କୁ ଗତି କରୁଛି। ଯେତେବେଳେ ଏହି ଧୂଳି ବ୍ରିଟେନରେ ନିରନ୍ତର ବର୍ଷା ସହିତ ମିଶିଯାଏ, ବର୍ଷା ଏକ ସ୍ୱତନ୍ତ୍ର ଲାଲ ରଙ୍ଗରେ ପରିଣତ ହେବ। ଏହା ରକ୍ତ ବର୍ଷା ନାମରେ ପରିଚିତ ଏକ ଘଟଣା ସୃଷ୍ଟି କରିବ।

ରକ୍ତ ବର୍ଷା ପରେ କ'ଣ ହେବ ?: ସମସ୍ତଙ୍କ ମନରେ ପ୍ରଶ୍ନ ହେଉଛି ରକ୍ତବର୍ଷା ପରେ କ'ଣ ହେବ ? ଏହି ଚିନ୍ତାଜନକ ପରିସ୍ଥିତି ସତ୍ତ୍ୱେ, ବିଶେଷଜ୍ଞମାନେ କହିଛନ୍ତି ଯେ ଏହି ହଠାତ୍ ପରିବର୍ତ୍ତନ ଚିନ୍ତା କରିବାର କିଛି ନୁହେଁ। ସେମାନେ କୁହନ୍ତି, ବର୍ଷା ପାଣି ଶୁଖିବା ପରେ, କାର ଏବଂ ଖୋଲା ପୃଷ୍ଠରେ ଧୂଳିର ଏକ ପତଳା ଆସ୍ତରଣ ରହିବ।

ଲୋକମାନେ ଅସୁସ୍ଥ ହୋଇପାରନ୍ତି କି ?: ସିଏଏମ୍ଏସ୍ ଉତ୍ତର ଆଟଲାଣ୍ଟିକ ଦେଇ ଯାଉଥିବା ସାହାରା ମରୁଭୂମିରୁ ଲାଲ ଧୂଳିର ପ୍ରବାହ ଉପରେ ନଜର ରଖିଛି। ଲୋକମାନେ ଭାବୁଛନ୍ତି ଯେ, ଏହି ବର୍ଷା ଲୋକଙ୍କୁ ଅସୁସ୍ଥ କରିପାରେ କି ? ବିଶେଷଜ୍ଞମାନେ କହିଛନ୍ତି, ଏହା କୌଣସି ରୋଗର କାରଣ ହେବ ନାହିଁ। ସେମାନେ କୁହନ୍ତି, ଧୂଳି ସାହାରା ମରୁଭୂମିରୁ ଉଠିଥିବା ଧୂଳି ଦ୍ୱାରା ସୃଷ୍ଟି ହେବ। ଯେଉଁଥିରେ ଆଫ୍ରିକାର କିଛି ଅଞ୍ଚଳରେ ଋତୁକାଳୀନ ବାୟୋମାସ ପୋଡ଼ିବାରୁ କିଛି ଧୂଆଁ ମଧ୍ୟ ରହିବ।


ବିଶ୍ୱ ଉପରେ ପ୍ରଭାବ: ବିଶ୍ୱର ଅନ୍ୟ ଅଞ୍ଚଳ ପରି, ମରୁଭୂମିରେ ଉଚ୍ଚ ପବନ ଅନୁଭବ ହୁଏ, ଯାହା ଧୂଳି ଏବଂ ବାଲିକୁ ଆକାଶକୁ ଉଠାଇଥାଏ। ଯଦି ଉପର ବାୟୁମଣ୍ଡଳରେ ପବନ ଉତ୍ତର ଦିଗକୁ ବହିଥାଏ, ତେବେ ଧୂଳି ବ୍ରିଟେନରେ ପହଞ୍ଚିପାରେ। ପବନ ଭୂମିରୁ ଧୂଳି ଉଠାଇବା ପରେ, ଧୂଳି ମେଘ ବହୁତ ଉଚ୍ଚତାରେ ପହଞ୍ଚିପାରେ ଏବଂ ହଜାର ହଜାର ମାଇଲ ଦୂରରେ ସାରା ବିଶ୍ୱରେ ବିସ୍ତାର କରିପାରେ। ତଥାପି, ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ।

ବୈଜ୍ଞାନିକଙ୍କ ମତ: ଗଣମାଧ୍ୟମ ରିପୋର୍ଟ ଅନୁସାରେ, ସିଏଏମ୍ଏସ୍‌ର ବରିଷ୍ଠ ବୈଜ୍ଞାନିକ ମାର୍କ ପାରିଙ୍ଗଟନ କହିଛନ୍ତି, ଏହା ଭୟଙ୍କର ଶୁଣାଯାଉଥିଲେ ମଧ୍ୟ ଏହା ପ୍ରକୃତରେ ଏପରି କିଛି ଯାହା ବାରମ୍ବାର ଘଟେ। ସାହାରାରୁ ଉତ୍ତର ଆଟଲାଣ୍ଟିକରେ ବଡ଼ ପରିମାଣର ଧୂଳିକଣା ଖସିବା ଅସ୍ୱାଭାବିକ ନୁହେଁ।

# ଅଳସୁଆ ପ୍ରାଣୀ

ଦୁନିଆରେ କିଛି ମଣିଷ ଅଳସୁଆ ଥାନ୍ତି ବୋଲି ପ୍ରାୟ ସମସ୍ତେ ଜାଣିଛନ୍ତି, ମାତ୍ର ପ୍ରାଣୀ ଜଗତରେ ଏମିତି କିଛି ଜୀବ ଅଛନ୍ତି ଯେଉଁମାନେ ସେମାନଙ୍କ ଜୀବନର ଅଧିକାଂଶ ସମୟ କେବଳ ଶୋଇ ଏବଂ ବିଶ୍ରାମ ନେଇ ବିତାଇ ଦିଅନ୍ତି। କିଛି ପ୍ରାଣୀ ଦିନକୁ ପ୍ରାୟ ୨୦ ଘଣ୍ଟା କେବଳ ଶୋଇ ରହିଥାନ୍ତି। ଆଉ କିଛି ପାଣି ଭିତରେ ଶୋଇବାକୁ ଭଲ ପାଆନ୍ତି। ପ୍ରକୃତରେ ପ୍ରାଣୀଙ୍କ ଏହି ଆଳସ୍ୟ ଏକ ଦୁର୍ବଳତା ନୁହେଁ, ବରଂ ସେମାନଙ୍କର ଶରୀର ଏବଂ ଖାଦ୍ୟ ଅଭ୍ୟାସ ସହିତ ଜଡ଼ିତ ଏକ ଅନନ୍ୟ ପ୍ରାକୃତିକ ରଣନୀତି।


ଏହି କ୍ରମରେ ସ୍ଲଥ୍‌କୁ ବିଶ୍ୱର ସବୁଠାରୁ ଅଳସୁଆ ପ୍ରାଣୀ ବୋଲି ବିବେଚନା କରାଯାଏ। ଉଷ୍ଣକଟିବନ୍ଧୀୟ ଜଙ୍ଗଲରେ ରହୁଥିବା ଏହି ଜୀବ ଦିନକୁ ପ୍ରାୟ ୨୦ ଘଣ୍ଟା ଶୋଇଥାଏ ଏବଂ ବାକି ସମୟତକ ଧୀରେ ଧୀରେ ଗଛର ପତ୍ର ଖାଇବାରେ ବିତାଇଥାଏ। ଏହାର ଅତି ଧୀର ମେଟାବୋଲିଜିମ୍ ଏବଂ କମ୍ ଶକ୍ତିଯୁକ୍ତ ଖାଦ୍ୟ ହିଁ ଏହାର ଆଳସ୍ୟର ମୁଖ୍ୟ କାରଣ। ସେହିପରି ଅଷ୍ଟ୍ରେଲିଆର ପ୍ରସିଦ୍ଧ ପ୍ରାଣୀ କୋଆଲା ମଧ୍ୟ ନିଜର ନିଦ ପାଇଁ ବେଶ୍ ଜଣାଶୁଣା। ଏହା ଦିନକୁ ମାତ୍ର ୨ରୁ ୬ ଘଣ୍ଟା ଜାଗ୍ରତ ରହିଥାଏ। ଏହାର ମୁଖ୍ୟ ଖାଦ୍ୟ ହେଉଛି ୟୁକାଲିପଟାସ୍ ଗଛର ପତ୍ର, ଯାହାକି ଫାଇବରରେ ଭରପୂର ଏବଂ ସାମାନ୍ୟ ବିଷାକ୍ତ ହୋଇଥିବାରୁ ଏହାକୁ ହଜମ କରିବା ପାଇଁ ଶରୀରକୁ ପ୍ରଚୁର ଶକ୍ତି ଦରକାର ହୁଏ, ଫଳରେ ଏହା ଅଧିକ ସମୟ ଶୋଇ ରହିଥାଏ।





# ଧାର୍ମିକସ୍ଥଳୀ ଧର୍ମଶାଳା

**ହିମାଚଳ ପ୍ରଦେଶର ଏକ ଧାର୍ମିକସ୍ଥଳୀ ଭାବେ ଧର୍ମଶାଳାର ବେଶ୍ ନାଁ ରହିଛି ଦେଶ ବିଦେଶରେ। କାରଣ ଏଠାରେ ରହିଛି ମୈକଲୋଡ଼ଗଞ୍ଜ ନାମକ ଏକ ତୀର୍ଥସ୍ଥଳୀ; ଯେଉଁଠାରେ ମୁଖ୍ୟତଃ ତିବ୍ବତୀୟମାନଙ୍କ ଧାର୍ମିକ ଭାବଧାରାକୁ ବୁଝିବାର ଅନେକ ସୁଯୋଗ ମିଳିଥାଏ...**




ହିମାଚଳ ପ୍ରଦେଶର କାଙ୍ଗରା ଜିଲ୍ଲା ଅନ୍ତର୍ଗତ ଏକ ନଗର ହେଉଛି ଧର୍ମଶାଳା। ଏହା ଜିଲ୍ଲାର ମୁଖ୍ୟାଳୟ ମଧ୍ୟ। ତା' ଛଡ଼ା ଏହାକୁ ହିମାଚଳ ପ୍ରଦେଶର ଶୀତକାଳୀନ ରାଜଧାନୀ ବୋଲି ମଧ୍ୟ କୁହାଯାଇଥାଏ। କାରଣ ଶୀତଦିନେ ଏଠାକାର ସୌନ୍ଦର୍ଯ୍ୟ ହୋଇଥାଏ ବେଶ୍ ଆକର୍ଷଣୀୟ। ତା'ଛଡ଼ା ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଯେମିତି ମନୋମୁଗ୍ଧକର ସେମିତି ଆକର୍ଷଣୀୟ ଏହି ନଗର ଅନ୍ତର୍ଗତ ପର୍ଯ୍ୟଟନସ୍ଥଳୀଗୁଡ଼ିକ। ଖାସ୍ ସେଥିପାଇଁ ତ ବର୍ଷକ ବାରମାସ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥାଏ।

## କ'ଣ ଦେଖିବେ

ଧର୍ମଶାଳା ତିବ୍ବତୀୟ ଶରଣାର୍ଥୀଙ୍କର ଏକ ସୁରକ୍ଷିତ ନିବାସ ସ୍ଥାନ ଭାବେ ପରିଚିତ। ମୈକଲୋଡ଼ଗଞ୍ଜ ବା ମକଲୋଡ଼ଗଞ୍ଜ ହେଉଛି ଏଠାକାର ଏକ ପ୍ରମୁଖ ତୀର୍ଥସ୍ଥଳୀ। ଏହା ହିମାଚଳପ୍ରଦେଶର କାଙ୍ଗରା ଜିଲ୍ଲାସ୍ଥିତ ଧର୍ମଶାଳା ନଗରର ଏକ ଉପନଗର। ଏଠାରେ ମୁଖ୍ୟତଃ ବିସ୍ଥାପିତ ତିବ୍ବତୀୟମାନଙ୍କୁ ବସବାସ କରୁଥିବାର ଦେଖିବାକୁ ମିଳିଥାଏ। ଏଠାକୁ ଗଲେ ତିବ୍ବତୀୟମାନଙ୍କ ସମ୍ପର୍କରେ ଏବଂ ତାଙ୍କର ଧର୍ମ, ଜ୍ଞାନ ବିଷୟରେ ଅନେକ ଅଜଣା କଥା ଜାଣିବାର ସୁଯୋଗ ମିଳିଥାଏ। ସେହିପରି ଧର୍ମଶାଳାରେ ରହିଛି ଐତିହାସିକ ଡାଲ୍ ହ୍ରଦ, ଯାହାର ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ତା'ଛଡ଼ା ଭାଗସୁ ଜଳପ୍ରପାତ, ଧର୍ମଶାଳା ଉପତ୍ୟକା, ଚିଲ୍‌ଗରି, ଦରି, ବାରୋଲ୍, କଚେହରି ଅଦା, ଖନିୟାର, କୋଟ୍‌ୱାଲି ବଜାର, ମଣ୍ଡଖାସ୍, ଖେଲ୍ ପରିସର୍, ସିଧ୍‌ବରି, ସିଲା ଚୋକ୍, ଆଗନଜେର୍ ମହାଦେବ ମନ୍ଦିର, ୱାର୍ ମେମୋରିଆଲ୍ ମ୍ୟୁଜିୟମ୍, ଟି ଗାର୍ଡେନ୍ ଚିଲ୍‌ଗରି ଇତ୍ୟାଦି ବି ହେଉଛି ଧର୍ମଶାଳା ଅନ୍ତର୍ଗତ କେତେକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ପର୍ଯ୍ୟଟକ ଚାହିଁଲେ ଏହିସବୁ ସ୍ଥାନ ବୁଲିଯାଇ କିଛିଟା ନିଆରା ଅନୁଭୂତି ସାଉଁଟିପାରିବେ।

## ଟ୍ରେକିଂର ବି ମଜା ନେଇହେବ

ଧର୍ମଶାଳାରେ ପର୍ଯ୍ୟଟକ ଚାହିଁଲେ ଟ୍ରେକିଂର ବି ଭରପୂର ମଜା ନେଇପାରିବେ। କାରଣ ଏଠାରେ ଟ୍ରେକିଂ ପାଇଁ ରହିଛି ଅନେକ ସୁବିଧା। ତା'ଛଡ଼ା ରକ୍ କ୍ଲାଇମ୍ବିଂର ନିଆରା ଅନୁଭୂତି ସାଉଁଟିବା ପାଇଁ ବି ଅନେକ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ସ୍ଥାନୀୟ କରେରି ହ୍ରଦ ନିକଟରେ ଥିବା ଏକ ଟ୍ରେକିଂ ଡେଷ୍ଟିନେଶନ୍ ହେଉଛି ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକଙ୍କର ଏକ ପ୍ରିୟ ଟ୍ରେକିଂ ପଏଣ୍ଟ୍।

## କାଙ୍ଗରା ଟା'ର ଚାହିଦା ବି ନିଆରା

କାଙ୍ଗରା ଜିଲ୍ଲାରେ ମୁଖ୍ୟତଃ ଧାନ, ଗହମ ଓ ଟା ଚାଷ କରାଯାଇଥାଏ। ଏପରିକି ଧର୍ମଶାଳାରେ ଏକ ଟା ବଗିଚା ମଧ୍ୟ ଥିବାର ଦେଖିବାକୁ ମିଳିଥାଏ। ବିଶେଷକରି କାଙ୍ଗରା ଜିଲ୍ଲାର ନାମାନୁସାରେ ଏଠାରେ ଯେଉଁ ଟା ଉତ୍ପାଦନ କରାଯାଇଥାଏ ତାହାର ନାମ ବି କାଙ୍ଗରା ଟା ରଖାଯାଇଥାଏ। ଆଉ ଏହି ଟା'ର କୁଆଡ଼େ ଦେଶ ବିଦେଶରେ ବେଶ୍ ଚାହିଦା ମଧ୍ୟ ରହିଛି।

## କେବେ ଓ କେମିତି ଯିବେ

ବର୍ଷର ଯେ କୌଣସି ସମୟରେ ଧର୍ମଶାଳାକୁ ବୁଲିଯିବାର ସୁବିଧା ଥିଲେ ହେଁ ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ବର୍ଷାଦିନକୁ ଛାଡ଼ି ବାକି ଅନ୍ୟ ସମୟ ବିଶେଷକରି ମାର୍ଚ୍ଚରୁ ଜୁନ୍ ଭିତରେ ଏଠାକୁ ବୁଲିଗଲେ ଭ୍ରମଣର ଭରପୂର ଆନନ୍ଦ ଉଠାଇ ହୋଇଥାଏ। ତା'ଛଡ଼ା ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ସୁବିଧା ରହିଛି। କାଙ୍ଗରା ଏୟାରପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ୍ ବି ଯା'ଆସ କରିଥାଏ। ତେଣୁ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ଆରାମରେ ଧର୍ମଶାଳାରେ ପହଞ୍ଚି ପାରିବେ।

# ଘରେ ଥିଲେ ବାସ୍ତୁଦୋଷ ମିଳେନା ମନପସନ୍ଦର କ୍ୟାରିୟର...



କ୍ୟାରିୟରକୁ ନେଇ ସଭିଏଁ ଚିନ୍ତା କରିଥାନ୍ତି । ତେବେ ବାସଘରେ ଥିବା କେତେକ ବାସ୍ତୁଦୋଷ କାରଣରୁ କ୍ୟାରିୟରରେ ଉପୁଜିଥାଏ ବାଧା। ଫଳରେ ଅନେକ ଚେଷ୍ଟା ପରେ ମଧ୍ୟ ସଫଳତା ମିଳିପାରି ନ ଥାଏ। କେତେକ ସହଜ ଉପାୟ ଆପଣେଇଲେ ବାସ ଘରେ ଥିବା ବାସ୍ତୁ ଦୋଷର ନିରାକରଣ କରାଯାଇପାରିଥାଏ। ବାସ୍ତୁ ଅନୁଯାୟୀ ଘରର ଉତ୍ତର-ପୂର୍ବ ଦିଗରେ ଡଷ୍ଟବିନ୍, ପୁରୁଣା ଖବରକାଗଜ ଓ କିଚେନ୍ ରହିବା ଦ୍ୱାରା ମନରେ ସର୍ବଦା ନକାରାତ୍ମକ ଚିନ୍ତା ଆସେ। ଏସବୁ ଘରର ଦକ୍ଷିଣ-ପଶ୍ଚିମ ଦିଗରେ ରହିଲେ କ୍ୟାରିୟରରେ ଉନ୍ନତି ଘଟିଥାଏ। ସେହିପରି ଘରର ଉତ୍ତର-ପୂର୍ବ ଦିଗରେ ସ୍ୱସ୍ତିକ ଚିହ୍ନ ରହିବା ଦ୍ୱାରା ଆଭ୍ୟନ୍ତରୀଣ କ୍ଷେତ୍ରରେ ସକାରାତ୍ମକ ପରିବେଶ ସୃଷ୍ଟି ହୁଏ। ଏହା ଦ୍ୱାରା ମନରେ ଆଧ୍ୟାତ୍ମିକ ଭାବନା ସୃଷ୍ଟି ହୋଇଥାଏ। ଶୌଚାଳୟ, ଷ୍ଟୋର୍‌ରୁମ୍ ଘରର ବ୍ରହ୍ମସ୍ଥଳର ପୂର୍ବ କିମ୍ବା ଉତ୍ତର-ପୂର୍ବ ଦିଗରେ ରହିଲେ ପରିବାର ସଦସ୍ୟଙ୍କ ଉପରେ ଖରାପ ପ୍ରଭାବ ପଡ଼ିଥାଏ। ସେହିପରି ଘରର ପୂର୍ବ କିମ୍ବା ଦକ୍ଷିଣ-ପୂର୍ବ ଦିଗରେ ବେଡ୍‌ରୁମ୍ ରହିଲେ ଏହାର ପ୍ରଭାବରେ କ୍ୟାରିୟର କ୍ଷେତ୍ରରେ ବାଧା ସୃଷ୍ଟି ହୋଇଥାଏ ବୋଲି ବାସ୍ତୁରେ ଉଲ୍ଲେଖ ରହିଛି।

# ଘରେ ଲଗାନ୍ତୁ ନାହିଁ ୫ଟି ଗଛ: ବଢ଼ିପାରେ ଦୁର୍ଭାଗ୍ୟ ଓ ଅଶାନ୍ତି

କଣ୍ଟା ଜାତୀୟ ଗଛ: ଘର ଭିତରେ ବା ପାଖାପାଖି କୌଣସି କଣ୍ଟା ଥିବା ଗଛ ଲଗାନ୍ତୁ ନାହିଁ। ଏହା ପରିବାର ସଦସ୍ୟଙ୍କ ମଧ୍ୟରେ ମତଭେଦ ଓ ଅଶାନ୍ତି ସୃଷ୍ଟି କରିଥାଏ। ଏପରିକି କଣ୍ଟା ଥିବା 'ପାମ୍' ଗଛ ମଧ୍ୟ ଆର୍ଥିକ ସ୍ଥିତି ଖରାପ କରିବାର କାରଣ ସାଜିଥାଏ।

ମେହେନ୍ଦି ଗଛ: ଅନେକେ ସୌନ୍ଦର୍ଯ୍ୟ ପାଇଁ ମେହେନ୍ଦି ଗଛ ଲଗାଇଥାନ୍ତି, ମାତ୍ର ବାସ୍ତୁ ଅନୁଯାୟୀ ଏହା ଘରେ ନକାରାତ୍ମକ ଉର୍ଜାର ସଞ୍ଚାର କରିଥାଏ।

ଅଶ୍ୱତ୍ଥ ଗଛ: ଧାର୍ମିକ ଦୃଷ୍ଟିକୋଣରୁ ଅଶ୍ୱତ୍ଥ ଗଛ ପୂଜନୀୟ ହେଲେ ହେଁ, ଏହାକୁ ଘର ଅଗଣାରେ ଲଗାଇବା ଅଶୁଭ। ଯଦି ଘର କାନ୍ଥ ବା ପାଚେରିରେ ଏହି ଗଛ ଉଠୁଥାଏ, ତେବେ ତାକୁ ତୁରନ୍ତ କାଟିଦେବା ଉଚିତ।

କଇଁଆ ଗଛ: ବିଶ୍ୱାସ କରାଯାଏ ଯେ କଇଁଆ ଗଛରେ ଦୁଷ୍ଟ ଶକ୍ତି ବାସ କରନ୍ତି। ତେଣୁ ଏହି ଗଛ ଘରେ ବା ବାଡ଼ିରେ ରହିଲେ ପରିବାରରେ ଭୟର ବାତାବରଣ ସୃଷ୍ଟି ହୋଇଥାଏ।

ଶୁଖିଲା ଗଛ: ଘର ଅଗଣାରେ ଥିବା କୌଣସି ଗଛ ଯଦି ଶୁଖିଯାଇଥାଏ, ତେବେ ତାକୁ ତୁରନ୍ତ ବାହାର କରିଦିଅନ୍ତୁ। ଶୁଖିଲା ଗଛ ଘରେ ଉଦାସୀନତା ଓ ନୈରାଶ୍ୟ ଭାବ ସୃଷ୍ଟି କରିଥାଏ।

ସତର୍କତା: ନିଜ ସୁଖ-ସମୃଦ୍ଧି ପାଇଁ ସର୍ବଦା ଶୁଭ ଓ ସବୁଜିମା ଭରା ଗଛ ଚୟନ କରନ୍ତୁ।

# ପୁଣି ଜମିବ ବାରବାଟୀ: ଡିସେମ୍ବର ୨୪ରେ ଭାରତ-ଶ୍ରୀଲଙ୍କା ଟି-୨୦



ଭୁବନେଶ୍ୱର: ଓଡ଼ିଶା କ୍ରିକେଟ୍ ପ୍ରେମୀଙ୍କ ପାଇଁ ଏକ ଖୁସି ଖବର। କଟକର ଐତିହାସିକ ବାରବାଟୀ ଷ୍ଟାଡିୟମ୍‌ରେ ପୁଣିଥରେ ଦେଖିବାକୁ ମିଳିବ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍। ଆସନ୍ତା ଡିସେମ୍ବର ୨୪ ତାରିଖରେ ଓଡ଼ିଶା କ୍ରିକେଟ୍ ଆସୋସିଏନ୍ (ଓସିଏ) ଏଠାରେ ଟି-୨୦ ଏକ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରିବାକୁ ଯାଉଛି। ଏହି ମ୍ୟାଚ୍ ସେହିଦିନ (ଗୁରୁବାର) ସନ୍ଧ୍ୟା ୭ଟାରୁ ଆରମ୍ଭ ହେବ। ଚଳିତ ବର୍ଷ ଡିସେମ୍ବରରେ ଶ୍ରୀଲଙ୍କା ଟିମ୍ ସୀମିତ ଓଭର୍ ସିରିଜ୍ ପାଇଁ ଭାରତ ଗସ୍ତରେ ଆସିବ। ଏହି ଅବସରରେ ଶ୍ରୀଲଙ୍କା ୩ଟି ଦିନିକିଆ ଅନ୍ତର୍ଜାତୀୟ ଏବଂ ୩ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବ। ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ରାଜକୋଟ (୨୨ ମାର୍ଚ୍ଚ), ଦ୍ୱିତୀୟ ମ୍ୟାଚ୍ କଟକ (ମାର୍ଚ୍ଚ ୨୪) ଏବଂ ତୃତୀୟ ମୁକାବିଲା ପୁଣେ (ମାର୍ଚ୍ଚ ୨୬)ରେ ଖେଳାଯିବ। ସେହିପରି ଦିନିକିଆ ମ୍ୟାଚ୍ ଦିଲ୍ଲୀ, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦରେ ହେବ। ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଏହି ସୂଚନା ଦେଇଛି।

ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଗୁରୁବାର ଟିମ୍ ଇଣ୍ଡିଆର ୨୦୨୬-୨୭ ଘରୋଇ ସିଜନ୍ ପାଇଁ ପୂରା କାର୍ଯ୍ୟସୂଚୀ ଜାରି କରିଛି। ଏହି ସିଜିନ୍ ବ୍ୟସ୍ତବହୁଳ ଏବଂ ରୋମାଞ୍ଚକର ହେବ ବୋଲି ଆଶା କରାଯାଉଛି। କାରଣ ଏହି ସିଜନ୍‌ରେ ଚାରିଟି ଦେଶ ୱେଷ୍ଟଇଣ୍ଡିଜ୍, ଶ୍ରୀଲଙ୍କା, ଜିମ୍ବାୱେ ଏବଂ ଅଷ୍ଟ୍ରେଲିଆ ଭାରତ ଗସ୍ତ କରିବେ। ପୂରା ସିଜିନ୍‌ରେ ମୋଟ ୨୨ଟି ଅନ୍ତର୍ଜାତୀୟ ମୁକାବିଲା ୧୭ଟି ଭିନ୍ନ ଭିନ୍ନ ସହରରେ ଆୟୋଜନ ହେବ।

ସିଜନ୍‌ର ଆରମ୍ଭ ଚଳିତ ବର୍ଷ ସେପ୍ଟେମ୍ବର ୨୬ ତାରିଖରୁ ୱେଷ୍ଟଇଣ୍ଡିଜ୍ ବିପକ୍ଷରୁ ହେବ। ୱେଷ୍ଟଇଣ୍ଡିଜ୍ ଟିମ୍ ଏହି ଗସ୍ତରେ ତିନି ଦିନିକିଆ ଏବଂ ପାଞ୍ଚ ଟି-୨୦ ମ୍ୟାଚ୍ ଖେଳିବ। ଦିନିକିଆ ମ୍ୟାଚ୍ ତିରୁଅନନ୍ତପୁରମ୍, ଗୁଆହାଟୀ ଏବଂ ନ୍ୟୁ ଚଣ୍ଡିଗଡ଼ରେ ଆୟୋଜିତ ହେବ। ସେହିପରି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଲକ୍ଷ୍ନୌ, ରାଞ୍ଚି, ଇନ୍ଦୋର, ହାଇଦ୍ରାବାଦ ଏବଂ ବେଙ୍ଗାଲୁରୁରେ ଖେଳାଯିବ। ୨୦୨୭ ଜାନୁଆରୀରେ ଜିମ୍ବାୱେ ଟିମ୍ ଭାରତ ଗସ୍ତରେ ଆସି ଜାନୁଆରୀ ୩ରୁ ୯ ତାରିଖ ପର୍ଯ୍ୟନ୍ତ ତିନି ମ୍ୟାଚ୍‌ର ଦିନିକିଆ ସିରିଜ୍ ଖେଳିବ। ଏହି ମ୍ୟାଚ୍‌ଗୁଡ଼ିକ କୋଲ୍‌କାତା, ହାଇଦ୍ରାବା ଏବଂ ମୁମ୍ବାଇରେ ଖେଳାଯିବ।

ସିଜନ୍‌ର ସବୁଠୁ ବଡ଼ ଆକର୍ଷଣ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ବର୍ଡର-ଗାଭାସ୍କର ଟ୍ରଫି ୨୦୨୭ ହେବ। ପାଞ୍ଚ ମ୍ୟାଚ୍‌ର ଟେଷ୍ଟ ସିରିଜ୍‌ର ପ୍ରଥମ ମୁକାବିଲା ଜାନୁଆରୀ ୨୧ ତାରିଖରୁ ନାଗପୁରରେ ହେବ। ଏହାପରେ ଚେନ୍ନାଇ, ଗୁଆହାଟୀ, ରାଞ୍ଚି ଏବଂ ଅହମଦାବାଦରେ ବାକି ଚାରିଟି ଟେଷ୍ଟ ମ୍ୟାଚ୍ ଖେଳାଯିବ।

## ହକି ଇଣ୍ଡିଆ ବାର୍ଷିକ ପୁରସ୍କାର ୨୦୨୫

# ହାର୍ଦ୍ଦିକ ସିଂହ ଓ ନବନୀତ କୌର୍ ସର୍ବଶ୍ରେଷ୍ଠ ଖେଳାଳି

ନୂଆଦିଲ୍ଲୀ,: ଅନୁଭବୀ ମିଡ୍‌ଫିଲ୍ଡର୍ ହାର୍ଦ୍ଦିକ ସିଂହ ଏବଂ ଫରୱାର୍ଡ ନବନୀତ କୌର୍ ଅଷ୍ଟମ ବାର୍ଷିକ ହକି ଇଣ୍ଡିଆ ପୁରସ୍କାରରେ ୨୦୨୫ ବର୍ଷର ସର୍ବଶ୍ରେଷ୍ଠ ପୁରୁଷ ଏବଂ ମହିଳା ଖେଳାଳି ପୁରସ୍କାର ହାସଲ କରିଛନ୍ତ। ଦୁହିଁଙ୍କୁ ହକି ଇଣ୍ଡିଆ ବଲବୀର ସିଂହ ସିନିୟର୍ ପୁରସ୍କାରରେ ସମ୍ମାନିତ କରାଯାଇଛି। ଉଭୟଙ୍କୁ ପୁରସ୍କାର ସ୍ୱରୂପ ୨୦-୨୦ ଲକ୍ଷ ଟଙ୍କାର ଚେକ୍ ମିଳିଛି। ସେହିପରି ୧୯୮୦ ମସ୍କୋ ଅଲିମ୍ପିକ୍‌ରେ ସ୍ୱର୍ଣ୍ଣ ବିଜେତା ଭାରତୀୟ ଟିମ୍‌ର ସଦସ୍ୟ ଜାଫର ଇକ୍‌ବାଲ୍‌ଙ୍କୁ ମେଜର ଧ୍ୟାନଚାନ୍ଦ ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ପୁରସ୍କାର ପ୍ରଦାନ କରାଯାଇଛି। ଏହା ବ୍ୟତୀତ ବିଚ୍ଚୁ ଦେବୀ ଖରିବାମ୍ ସର୍ବଶ୍ରେଷ୍ଠ ଗୋଲ୍‌କିପର୍ (ବଲଜିତ୍ ସିଂହ ପୁରସ୍କାର), ସଞ୍ଜୟ ସର୍ବଶ୍ରେଷ୍ଠ ଡିଫେଣ୍ଡର୍ (ଅଜିତ ପାଲ୍ ସିଂହ ପୁରସ୍କାର), ସୁଖଜିତ୍ ସିଂହ ସର୍ବଶ୍ରେଷ୍ଠ ଫରୱାର୍ଡ (ଧନରାଜ ପିଲ୍ଲାଇ ପୁରସ୍କାର) ଜିତିଛନ୍ତି। ସମସ୍ତଙ୍କୁ ପୁରସ୍କାର ବାବଦରେ ୫-୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏଫ୍‌ଆଇଏଚ୍ ଜିନିୟର୍ ବିଶ୍ୱକପ୍ ବିଜେତା ଭାରତୀୟ ଟିମ୍‌ର ସଦସ୍ୟ ପ୍ରିନ୍ସ ଦୀପ୍ ସିଂହଙ୍କୁ ୨୧ ବର୍ଷରୁ କମ୍ ପୁରୁଷ ବର୍ଗରେ ଜୁଗରାଜ ସିଂହ ପୁରସ୍କାର ମିଳିଛି। ମହିଳା ବର୍ଗରେ ସାକ୍ଷୀ ରାଣାଙ୍କୁ ଅସୁନ୍ତା ଲାକ୍ରା ଉଦୀୟମାନ ଖେଳାଳି ପୁରସ୍କାରରେ ସମ୍ମାନିତ କରାଯାଇଛି। କେନ୍ଦ୍ରୀୟ ଖେଳ ମନ୍ତ୍ରୀ ମନ୍‌ସୁଖ ମାଣ୍ଡଭିୟା ଏବଂ ଖେଳ ରାଜ୍ୟ ମନ୍ତ୍ରୀ ରକ୍ଷା ଖଡ୍‌ସେ ସମାରୋହରେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ସୌରଭ ସିଂହ ରାଜପୁତଙ୍କୁ ସର୍ବଶ୍ରେଷ୍ଠ ଅମ୍ପାୟାର୍, ବିଶ୍ୱରଞ୍ଜନ ଷଡ଼ଙ୍ଗୀଙ୍କୁ ସର୍ବଶ୍ରେଷ୍ଠ ଟେକ୍‌ନିକ୍ ଅଧିକାରୀ, ହକି ଝାଡ଼ଖଣ୍ଡକୁ ସର୍ବଶ୍ରେଷ୍ଠ ରାଜ୍ୟ ୟୁନିଟ୍ ଏବଂ ମନୋଜ କୋନବେଗୀ (ସିମଡେଗା)ଙ୍କୁ ଜମନ ଲାଲ ଶର୍ମା ଅମୂଲ୍ୟ ଯୋଗଦାନ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ଏସିଆ କପ୍ ବିଜେତା ପୁରୁଷ ଟିମ୍‌ର ଖେଳାଳିମାନଙ୍କୁ ୩-୩ ଲକ୍ଷ ଟଙ୍କା ଏବଂ ଷ୍ଟାଫ୍‌ଙ୍କୁ ୧.୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଜୁନିୟର୍ ବିଶ୍ୱକପ୍‌ରେ ବ୍ରୋଞ୍ଜ ପଦକ ଜିତିଥିବା ଟିମ୍‌କୁ ୫-୫ ଲକ୍ଷ ଟଙ୍କା ଏବଂ ଷ୍ଟାଫ୍‌ଙ୍କୁ ୨.୫ ଲକ୍ଷ ଟଙ୍କା ମିଳିଛି।

# ଆଇପିଏଲ୍-୧୯ କମେଣ୍ଟ୍ରି ପ୍ୟାନେଲ୍ ଘୋଷିତ

ନୂଆଦିଲ୍ଲୀ: ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)ର ୧୯ତମ ସଂସ୍କରଣ ଆସନ୍ତାକାଲି ଡିଫେଣ୍ଡିଂ ଚାମ୍ପିଅନ୍ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ମ୍ୟାଚ୍‌ରୁ ଆରମ୍ଭ ହେବ। ଏଥିପାଇଁ ବ୍ରଡ୍‌କାଷ୍ଟର୍‌ଗୁଡ଼ିକ ମଧ୍ୟ ପୂରା ପ୍ରସ୍ତୁତି କରିସାରିଛନ୍ତି। ଚଳିତ ସିଜନ୍ ପାଇଁ ଆଇପିଏଲ୍‌ର ଆଧିକାରିକ ବ୍ରଡ୍‌କାଷ୍ଟର୍ ଷ୍ଟାର୍ ସ୍ପୋର୍ଟ୍ସ କମେଣ୍ଟ୍ରି ପ୍ୟାନେଲ୍‌ର ଘୋଷଣା କରିଛି। ଏଥିରେ କ୍ରିକେଟ୍ ଜଗତର ଅନେକ ମହାନ୍ ହସ୍ତୀ ରହିଛନ୍ତି। ଚଳିତ ସିଜନ୍‌ରେ ମଧ ୧୨ଟି ଭାରତୀୟ ଭାଷାରେ ଆଇପିଏଲ୍ ମ୍ୟାଚ୍‌ର କମେଣ୍ଟ୍ରି ହେବାକୁ ଯାଉଛି। ଏଥିରେ ହିନ୍ଦୀ, ଇଂରାଜୀ, ବଙ୍ଗାଳି, ତାମିଲ, ମାଲାୟାଲାମ୍, ଭୋଜପୁରୀ, ପଞ୍ଜାବୀ, ହରିଆଣୀ, କନ୍ନଡ଼, ଗୁଜରାତି ଏବଂ ମରାଠୀ ସାମିଲ। ଚଳିତ ଥର ମଧ ସୁନୀଲ୍ ଗାଭାସ୍କର୍ ଏବଂ ରବି ଶାସ୍ତ୍ରୀଙ୍କ ପରି ମହାନ୍ ଖେଳାଳି ପ୍ୟାନେଲ୍‌ରେ ନେତୃତ୍ୱ କରିବେ। ଏହା ବ୍ୟତୀତ ଏବି ଡିଭିଲିୟର୍ସ ଏବଂ ସୁରେଶ ରାଇନାଙ୍କ ପରି ସୁପରଷ୍ଟାର୍ ମଧ ପ୍ରଶଂସକଙ୍କ ନିକଟରେ ନିଜ ନିଜ ରାୟ ଏବଂ ବିଶ୍ଳେଷଣ ରଖିବେ। ହିନ୍ଦୀ କମେଣ୍ଟ୍ରି ପ୍ୟାନେଲ୍‌ରେ ବୀରେନ୍ଦ୍ର ସେହ୍ୱାଗ୍, ଇରଫାନ୍ ପଠାନ୍, ହରଭଜନ ସିଂହ ଏବଂ ନବଜୋତ ସିଂହ ସିଦ୍ଧୁ ସାମିଲ ଅଛନ୍ତି। ଏହା ବ୍ୟତୀତ ଟିମ୍ ଇଣ୍ଡିଆର ପୂର୍ବତନ ସ୍ପିନର୍ ରବିଚନ୍ଦ୍ରନ୍ ଅଶ୍ୱିନ ଏବଂ ଫାଷ୍ଟ ବୋଲର୍ ଉମେଶ ଯାଦବ ମଧ କମେଣ୍ଟେଟର୍ ଭାବେ ନିଜ ଡେବ୍ୟୁ କରିବେ। ଅଶ୍ୱିନ ହିନ୍ଦୀ କମେଣ୍ଟ୍ରି ପ୍ୟାନେଲ୍‌ର ସଦସ୍ୟ ହୋଇପାରନ୍ତି। ଇଂଲିଶ କମେଣ୍ଟ୍ରିରେ ଇୟାନ୍ ବିଶପ୍ ଏବଂ ହର୍ଷା ଭୋଗ୍‌ଲେଙ୍କ ପରି ଅନୁଭବୀ କମେଣ୍ଟେଟର୍‌ଙ୍କ ସହିତ ଇଓନ୍ ମୋର୍ଗାନ୍ ଏବଂ ଫାପ୍ ଡୁପ୍ଲେସିସ୍‌ଙ୍କୁ ମଧ ଦେଖିବାକୁ ମିଳିବ।

# ହକି ଖେଳାଳି ଗୁରଜନ୍ତ ସିଂହଙ୍କ ସନ୍ନ୍ୟାସ

ନୂଆଦିଲ୍ଲୀ: ଟୋକିଓ ଏବଂ ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ପଦକ ବିଜେତା ଭାରତୀୟ ହକି ଟିମ୍‌ର ସଦସ୍ୟ ଗୁରଜନ୍ତ ସିଂହ ହକି ଇଣ୍ଡିଆ ଆୱାର୍ଡ୍ସ ସମାରୋହ ଅବସରରେ ନିଜ ସନ୍ନ୍ୟାସ ଘୋଷଣା କରିଛନ୍ତି। ୨୦୧୭ରେ ଡେବ୍ୟୁ କରିବା ପରେ ୩୧ ବର୍ଷୀୟ ଗୁରଜନ୍ତ ୧୩୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭାରତ ପାଇଁ ପ୍ରତିନିଧିତ୍ୱ କରି ୩୩ ଗୋଲ୍ ଦେଇଛନ୍ତି। ଅମୃତସରରେ ଜନ୍ମିତ ଗୁରଜନ୍ତ ଲକ୍ଷ୍ନୌରେ ଆୟୋଜିତ ୨୦୧୬ ଜୁନିୟର୍ ଏଫ୍‌ଆଇଏଚ୍ ବିଶ୍ୱକପ୍ ଫାଇନାଲ୍‌ରେ ଗୋଲ୍ କରି ଭାରତକୁ ସ୍ୱର୍ଣ୍ଣ ପଦକ ଜିତାଇବାରେ ସହାୟତା କରିଥିଲେ। ଏହାପରେ ୨୦୧୭ରେ ସିନିୟର୍ ଅନ୍ତର୍ଜାତୀୟ ଡେବ୍ୟୁ କରିବା ସହିତ ଭାରତୀୟ ଟିମ୍‌ର ଫରୱାର୍ଡ ଲାଇନ୍‌ର ମୁଖ୍ୟ ଖେଳାଳି ହୋଇଯାଇଥିଲେ।

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ।
ଯୋଗାଯୋଗ -
ରଣଜିତ୍ ପଟ୍ଟନାୟକ
ମୁଖ୍ୟ ପ୍ରତିନିଧି
Email:
mediatejaswini@gmail.com

TARIFF
Full Page B/W-10000
Half Page B/W-5000
Quarter Page B/W- 2500

# ଜାତୀୟ ବରିଷ୍ଠ ମହିଳା ହ୍ୟାଣ୍ଡବଲ୍ : ଓଡ଼ିଶା ଦଳର ବରେଲି ଯାତ୍ରା



ଭୁବନେଶ୍ୱର,: ଭାରତୀୟ ହ୍ୟାଣ୍ଡବଲ୍ ସଂଘ ପକ୍ଷରୁ ଚଳିତ ମାସ ୩୦ରୁ ଏପ୍ରିଲ୍ ୩ ତାରିଖ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶର ବରେଲୀରେ ୫୪ତମ ଜାତୀୟ ବରିଷ୍ଠ ମହିଳା ହ୍ୟାଣ୍ଡବଲ୍ ପ୍ରତିଯୋଗିତା ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେଇବାକୁ ଓଡ଼ିଶାର ୧୮ ଜଣିଆ ଦଳ ବରେଲୀ ଯାତ୍ରା କରିଛି। ଏହି ଖେଳାଳିମାନେ ହେଲେ ଜି ଜ୍ୟୋତି ପାତ୍ର (କ୍ୟାପ୍‌ଟେନ୍), ଅଙ୍କିତା ବାରିକ, ସନ୍ଧ୍ୟାରାଣୀ ଦାସ, କସ୍ତୁରୀ ପ୍ରଧାନ, ସୋନମ୍ ପ୍ରତିହାରୀ, ସ୍ୱପ୍ନେଶ୍ୱରୀ ଦାସ, ବର୍ଷା ସେଠୀ, ସଞ୍ଜନା ସ୍ୱାଇଁ, ଅଙ୍କିତା ପଟ୍ଟନାୟକ, ପୂଜା ସ୍ୱାଇଁ, ଆଦ୍ୟାଶା ଦାସ, ସୁନିତା ମହନ୍ତ, ରାଜଲକ୍ଷ୍ମୀ ନାୟକ, ଅଙ୍କିତା ସାହୁ, ବିଜୟଲକ୍ଷ୍ମୀ ପ୍ରଧାନ, ସମୀକ୍ଷା ମଣ୍ଡଳ, ରଣିକାର୍ଣ୍ଣ ରାଉତ, ମାନସୀ ପ୍ରଧାନ। କୋଚ୍ ଭାବେ ବିଶ୍ୱରଞ୍ଜନ ପାତ୍ର, ମ୍ୟାନେଜର ଭାବେ ଗୀତାଞ୍ଜଳି ଦାସ ଓ ବର୍ଷା ପ୍ରିୟଦର୍ଶିନୀ ବାରିକ ଦଳ ସହ ଯାତ୍ରା କରିଛନ୍ତି। ଓଡ଼ିଶା ହ୍ୟାଣ୍ଡବଲ୍ ସଂଘ ସଭାପତି ବିପ୍ଲବ ଚୌଧୁରୀ, ସମ୍ପାଦକ ଇଂ. ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ, ବରିଷ୍ଠ ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ ଓ ଅନ୍ତର୍ଜାତୀୟ କୋଚ୍ ଗୌରୀ ଶଙ୍କର ମିଶ୍ର ଦଳକୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।




Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra**, ସମ୍ପାଦକ : ସଞ୍ଜ ସମୀର ମହାପାତ୍ର